## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ନାକଟିଦେଉଳ,(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ଜାମୁଯୋରୀ ଗ୍ରାମରେ ବୁଧବାର ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୋବିନ୍ଦ ଓରାମ (୪୫)। ସୂଚନା ଅନୁସାରେ ଜାମୁଯୋରୀ ଉପରସାହିର ଗୋବିନ୍ଦ ସକାଳୁ ନିଜ ଧାନ ଜମିକୁ ଯାଇଥିବାବେଳେ ଏକ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଗୋବିନ୍ଦ ଖସିଯିବାକୁ ଉଦ୍ୟମ ବେଳେ ଭାଲୁଟି ଦୌଡ଼ି ଆସି ତାଙ୍କୁ କାମୁଡ଼ି ଦେଇଥିଲା। ଏଥିରେ ତାଙ୍କ ବାମ ଗୋଡ଼ର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପାଖରେ ହଳ କରୁଥିବା ଲୋକେ ଦୌଡ଼ି ଆସିବାରୁ ଭାଲୁଟି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନାକଟିଦେଉଳ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରେଢାଖୋଲ ଡ଼ାକ୍ତରଖାନା ପଠାଇଦିଆଯାଇଛି।

## ସଂକ୍ଷେପରେ

### ସିଏସ୍ଓ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା

ଝାରସୁଗୁଡ଼ା ଅଫିସ,୩୦।୬: ରବିଧାନ ବିକ୍ରି ସମସ୍ୟା ନେଇ ଲଖନପୁର ବ୍ଲକ୍ ସୁନାରୀ ପ୍ୟାକ୍ସର ପଞ୍ଜୀକୃତ ଚାଷୀ ବୁଧବାର ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲା ଭାଜପା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ଅଶୋକ ପ୍ରଧାନ, ବରୁଣ ପ୍ରଧାନ, ବଳରାମ ଭୋଇ, ହୀରାଲାଲ ସାହୁ ପ୍ରମୁଖ ଚାଷୀ ଏଥିରେ ସାମିଲ ହୋଇଥିଲେ। ଚାଷୀଙ୍କ ଅଭିଯୋଗ ସୁନାରୀ ପ୍ୟାକ୍ସରେ ବଲଣ୍ଡା ଓ ପତ୍ରାପାଲି ଆଦି ଗ୍ରାମର ଚାଷୀ ନାମ ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ କେତେଜଣଙ୍କ ନାମ ତାଲିକାରେ ରହିଥିବାବେଳେ ଆଉ କେତେଜଣ ବାଦ୍ ପଡିଛନ୍ତି। ଜିଲା ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଓ ଉପଜିଲାପାଳ ଶିବ ଟପ୍ପୋ ପ୍ରମୁଖ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। କୌଣସି ଫଳ ମିଳି ନ ଥିଲା। ଜିଲାପାଳ ସରୋଜ ସାମଲ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିବା ପରେ ଚାଷୀଙ୍କ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଓଡ଼ିଶା ଡ୍ରାଇଭର ମହାସଂଘ ନାକଟିଦେଉଳ ଶାଖାର ବୈଠକ

ନାକଟିଦେଉଳ,୩୦।୬(ଡ଼ି.ଏନ.ଏ.): ଓଡ଼ିଶା ଡ୍ରାଇଭର ମହାସଂଘ ନାକଟିଦେଉଳ ବ୍ଲକ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ସରାପାଲି ପଞ୍ଚାୟତ କୁଞ୍ଜବନ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ଶାଖା ସଭାପତି ଅରୁଣ କୁମାର ସୁନାର ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟରତ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସେମାନଙ୍କୁ ବାର୍ଦ୍ଧକ୍ୟ ଓ ଅକ୍ଷମ ଭତ୍ତା ପ୍ରଦାନ, ଡ୍ରାଇଭିଂ ଲାଇସେନ୍ସ ଉପରେ ସରକାର ଜୀବନବୀମା ଲାଗୁ କରିବା, ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବା ସମ୍ପର୍କରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସବୁ ସମସ୍ୟା ପ୍ରତି ସରକାର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ସଂଘ ଚେତାବନୀ ଦେଇଛି। ନାକଟିଦେଉଳ ବ୍ଲକ ଶାଖା ସଭାପତି ରଞ୍ଜିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ଢାବାରେ ଶୋଇଥିବାବେଳେ ହାତୀ ଆକ୍ରମଣ: ଜଣେ ମୃତ

ଟେନ୍ସା,୩୦।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୋଇଡ଼ା ରେଞ୍ଜ ଅନ୍ତର୍ଗତ ଶଙ୍ଖପଡାରେ ଦନ୍ତାହାତୀ ଆକ୍ରମଣରେ ଭୀମସେନ ନାଏକ (୪୫) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଭୀମସେନ ଢାବା କରିଥିଲେ। ମଙ୍ଗଳବାର ରାତିରେ ଢାବାରେ ଶୋଇଥିବାବେଳେ ଦନ୍ତାହାତୀ ଆକ୍ରମଣ କରି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ କୋଇଡ଼ା ରେଞ୍ଜର କାଜଲ ନାୟକ ଓ କୋଇଡ଼ା ଥାନା ଏସ୍.ଆଇ ମନୋହର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପ୍ରକାଶ ଯେ, ଗତ ଦୁଇ ଦିନ ପୂର୍ବରୁ ସର୍ଗିଗଡ଼ ଗ୍ରାମର ଶାଗ ଦେହୁରୀଙ୍କୁ ହାତୀ କଚାଡ଼ି ଦେଇଥିଲା। ସେ ବୁର୍ଲା ଡାକ୍ତରଖାନାରେ ଜୀବନସହ ସଂଗ୍ରାମ କରୁଛନ୍ତି।

### ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଅବସରଗ୍ରହଣ

ସୁନ୍ଦରଗଡ଼,୩୦।୬(ଡି.ଏନ୍.ଏ): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧୀର କୁମାର ଦାଶ ବୁଧବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ କୋଭିଡ ମାର୍ଗଦର୍ଶିକା ଅନୁଯାୟୀ ନିରାଡମ୍ବର ଭାବେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଡ. କୁମୁଦିନୀ ରାଉତରାୟ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଦାୟୀ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରି ନୂତନ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

### ବେକରେ ରଶି ବାନ୍ଧି ଆତ୍ମହତ୍ୟା

ଲହୁଣୀପଡା,୩୦।୬(ଡି.ଏନ.ଏ):ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତର ଡୁମୁକଲା ଗ୍ରାମରେ ପ୍ରକାଶ କୁମାର ଜିତ (୫୨) ନାମକ ଜଣେ ବ୍ୟକ୍ତି ମଙ୍ଗଳବାର ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ଲହୁଣୀପଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡି ନାହିଁ।

# ପୁଣି ଆନ୍ଦୋଳନ କରିବାକୁ ନିଷ୍ପତ୍ତି

**ଓପିଜିସି ଅଧିକାରୀ, କର୍ମଚାରୀଙ୍କ ସମସ୍ୟା ସମାଧାନ ହେଉନି**

ଝାରସୁଗୁଡ଼ା ଅଫିସ,୩୦।୬

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ବହୁବିଧ ସମସ୍ୟା ଲାଗିରହିଛି। ଏ ନେଇ ଅଫିସର୍ସ ଆସୋସିଏଶନ ଓ ଓପିଜିସି ଏମ୍ପ୍ଲଇଜ୍ ୟୁନିୟନ ଆନ୍ଦୋଳନ କରିଥିଲେ ମଧ ସୁଫଳ ମିଳିନାହିଁ। ଫଳରେ ଅସନ୍ତୁଷ୍ଟ ଅଧିକାରୀ ଓ କର୍ମଚାରୀ ପୁଣି ଥରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନେ ପ୍ରଥମେ ଆସନ୍ତା ୨ତାରିଖରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବେ। ଏ ନେଇ ଓପିଜିସି ଚେୟାରମ୍ୟାନ୍ ତଥା ଶକ୍ତି ସଚିବଙ୍କୁ ସେମାନେ ମଙ୍ଗଳବାର ଲିଖିତ ଅବଗତ କରିଛନ୍ତି। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଧାୟକ, ଓପିଜିସି ଏମ୍‌ଡି, ଓପିଜିସି ନିର୍ଦ୍ଦେଶକ (ଅପରେଶନ), ଜିଲାପାଳ, ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ୧୩ ଦଫା ଦାବିରେ ଓପିଜିସି ଅଫିସର୍ସ ଆସୋସିଏଶନ ଓ ଓପିଜିସି ଏମ୍ପ୍ଲଇଜ୍ ୟୁନିୟନ ତରଫରୁ ୨୦୨୦ ଫେବୃୟାରୀ ୨୫ତାରିଖରୁ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ ଚଳାଇଥିଲେ। ପରେ ଗତ ଜାନୁୟାରୀ ୩୧ତାରିଖରୁ ମଧ୍ୟାହ୍ନଭୋଜନ ବିରତି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଦାବି ସମ୍ପର୍କରେ ଆଲୋଚନା ପାଇଁ ସହମତି ପ୍ରକାଶ କରିବାରୁ ଆନ୍ଦୋଳନ ସ୍ଥଗିତ ରହିଥିଲା। ପୁନର୍ବାର ଗତ ଫେବୃୟାରୀ ୨୨ରେ ଭୁବନେଶ୍ୱରରେ କମ୍ପାନୀ କର୍ତ୍ତୃପକ୍ଷ ଓ ଉଭୟ ଆସୋସିଏଶନକୁ ନେଇ ଆଲୋଚନା ହୋଇଥିଲା। ସେ ସମୟରେ ଓପିଜିସିର ଅଂଶୀଦାର କମ୍ପାନୀ ବହୁଦେଶୀୟ ଆମେରିକୀୟ ଏଇଏସ୍ କମ୍ପାନୀ ତାର ଅଂଶଧନ ପ୍ରତ୍ୟାହାର କରିନେବା ପରେ ଓପିଜିସିର ଶତପ୍ରତିଶତ ଅଂଶଧନ ଏବେ ସରକାରଙ୍କ ହାତରେ ରହିଛି। କମ୍ପାନୀରୁ ଅଂଶଧନ ପ୍ରତ୍ୟାହାର ହେବା ଫଳରେ କମ୍ପାନୀର ଏମ୍‌ଡି ଓ ଡାଇରେକ୍ଟର ପଦଚ୍ୟୁତ ହୋଇଥିଲେ। ଉଭୟ ପଦବୀ ପୂରଣ ହେଲା ପରେ ସମସ୍ୟା ସମାଧାନ କରାଯିବ ବୋଲି କମ୍ପାନୀ ଚେୟାରମ୍ୟାନ୍ ସେ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ଏହି ଉଭୟ ପଦବୀ ପୂରଣ ହେବା ପରେ ମଧ୍ୟ ଦାବି ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷ ଆଲୋଚନା କରୁନାହାନ୍ତି।

# ସ୍ତ୍ରୀଙ୍କୁ ଫେରାଇଆଣିବା ଦାବି: ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ



ଦୀପଲାଲଙ୍କୁ ଉଦ୍ଧାର କରିନେଉଛି ପୋଲିସ।

ସମ୍ବଲପୁର,୩୦।୬(ବ୍ୟୁରୋ)

ସମ୍ବଲପୁର ଏସ୍‌ପି ଅଫିସ ପରିସରରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ସ୍ତ୍ରୀଙ୍କୁ ଫେରାଇଆଣିବା ସହ ତାଙ୍କ ପରିବାର ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ୱାମୀ ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାରେ ଭର୍ତ୍ତି କରିଛି। ସେ ହେଲେ ସମ୍ବଲପୁର କ୍ଷେତରାଜପୁର ଥାନା ମିଲପଡାର ଦୀପଲାଲ ବାଗ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦୀପଲାଲ ନୂଆପଡାର ଯଶୋଦାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ପ୍ରାୟ ୨ ବର୍ଷ ହେଲା ଯଶୋଦା ବାପଘରେ ରହୁଥିଲେ। ଦୀପଲାଲ ଓ ତାଙ୍କ ପରିବାର ଯଶୋଦାଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ। ଏପରି କି ସ୍ତ୍ରୀଙ୍କୁ ଫେରାଇଆଣିବା ପାଇଁ ସେ ତାଙ୍କ ଘରକୁ ଯାଇଥିବାବେଳେ ତାଙ୍କୁ ମାରପିଟ କରାଯାଇଥିବା ନେଇ ଦୀପଲାଲ ଗତ ୨୬ ତାରିଖରେ ଯଶୋଦା ଓ ତାଙ୍କ ଭାଇଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୮/୨୧) ରୁଜୁ ହୋଇଛି। ସେହିପରି ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଯଶୋଦାଙ୍କ ପାଲଟା ଅଭିଯୋଗକ୍ରମେ ଥାନାରେ କେସ୍ ନଂ. ୧୫୭/୨୧ରେ ମାମଲା ରୁଜୁ ହୋଇଛି। ଉଭୟ ପକ୍ଷଙ୍କ ଅଭିଯୋଗରେ ୨ଟି ମାମଲା ରୁଜୁ ହୋଇଛି। ପୋଲିସ ଆଇନଗତ ଭାବେ ନିଜର କାମ କରୁଛି। ଦୀପଲାଲଙ୍କ ପରିବାରକୁ ଏ ନେଇ ଜଣାଇ ଦିଆଯାଇଛି ବୋଲି ଥାନା ଅଧିକାରୀଣି ମମତା ନାଏକ କହିଛନ୍ତି।

# ଭାଜପା କାର୍ଯ୍ୟାଳୟ ନିର୍ମାଣରେ ବିଳମ୍ବ

**ଜମି କିଣାରେ ବାହାରିପାରୁନି ନିଷ୍କର୍ଷ**

ସମ୍ବଲପୁର,୩୦।୬(ବ୍ୟୁରୋ)

ଓଡ଼ିଶାର ସମସ୍ତ ଜିଲାରେ ଭାଜପା କାର୍ଯ୍ୟାଳୟ ନିର୍ମାଣ କରାଯିବା ନେଇ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସମ୍ବଲପୁରରେ ଜିଲା କାର୍ଯ୍ୟାଳୟ ସହ ଜୋନାଲ ଅଫିସ ନିର୍ମାଣ କରିବାକୁ ଦଳ ମଞ୍ଜୁରୀ ଦେଇଥିଲା। ଏଥିପାଇଁ ଉପଯୁକ୍ତ ସ୍ଥାନରେ ଆବଶ୍ୟକ ଜମି ଚିହ୍ନଟ କରି କିଣାଯିବ ବୋଲି ଦଳ ପ୍ରକ୍ରିୟା ଆରମ୍ଭ କରିଥିଲା। ପ୍ରାୟ ୪ବର୍ଷ ହେଲା ଜମି କିଣା ହୋଇପାରୁ ନ ଥିବାରୁ କାର୍ଯ୍ୟାଳୟ ନିର୍ମାଣରେ ବିଳମ୍ବ ହେଉଛି। ଏହାକୁ ନେଇ କେତେଜଣ କର୍ମୀ ଅସନ୍ତୋଷ ପ୍ରକାଶ କରୁଥିଲେ ମଧ ଦଳୀୟ ନେତାଙ୍କ ବିରୋଧରେ ଅଭିଯୋଗ କରି ପାରୁନାହାନ୍ତି। ଏହି ଘଟଣାରେ ଦଳର ହାଇକମାଣ୍ଡ କିମ୍ବା ରାଜ୍ୟସ୍ତରୀୟ ନେତା ହସ୍ତକ୍ଷେପ କରି ଶୀଘ୍ର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

ଭାଜପା କାର୍ଯ୍ୟାଳୟ ନିର୍ମାଣ ପାଇଁ ସହରର ରେମେଡ ନିକଟ (ଲରପଙ୍କ)ରେ ଜମି କିଣାଯାଇଥିଲା। ସିଟି ଷ୍ଟେଶନ ନିକଟରେ ମଧ ଜମି କିଣାଯାଇଛି। ହେଲେ ଏହି ଦୁଇଟି ସ୍ଥାନର ଜମି ଅନୁପଯୁକ୍ତ ବୋଲି ଚୟନ କମିଟି ମନା କରିଦେଇଥିଲା। ଏବେ ପୁଣି ଅନ୍ୟ ସ୍ଥାନରେ ଜମି କିଣାଯିବାକୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ମହାନଦୀ ଅପରପାର୍ଶ୍ୱ ଚାଆଁରପୁର, ପରଧିଆପାଲି ନିକଟ ଓ ଦୁର୍ଗାପାଲି ନିକଟରେ ଜମି ଦେଖାଯାଇଛି। ହେଲେ କେଉଁ ଜମି କିଣାହେବ ସେ ନେଇ ନିଷ୍କର୍ଷ ବାହାରି ପାରୁନାହିଁ। ସୂଚନା ଅନୁଯାୟୀ ଏଠାରେ ୫ ହଜାର ବର୍ଗଫୁଟ ଅଞ୍ଚଳରେ ତିନିମହଲା ବିଶିଷ୍ଟ କୋଠା ନିର୍ମାଣ ହେବ। ଏଥିରେ ରାଜ୍ୟ ଓ ଜିଲାସ୍ତରୀୟ ନେତାମାନଙ୍କ ଅଫିସ ରହିବ। କର୍ମୀଙ୍କ ପାଇଁ ବିଶ୍ରାମାଗାର, ଶୌଚାଳୟ, କ୍ୟାଣ୍ଟିନ ବ୍ୟବସ୍ଥା ସହ ସମ୍ମିଳନୀ କିମ୍ବା ଦଳୀୟ ବୈଠକ ପାଇଁ କନଫରେନ୍ସ ହଲ ନିର୍ମାଣ କରାଯିବ। ନିର୍ମାଣ କାମ କରିବାକୁ ୨୦୧୬ ମସିହାରେ ଅନୁମୋଦନ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କାର୍ଯ୍ୟାଳୟଗୁଡିକ ନିର୍ମାଣ କରିବାକୁ ଦଳର କେନ୍ଦ୍ରୀୟ ନେତା ନିର୍ଦ୍ଦେଶ ଦେଇଥିଲେ। ହେଲେ ସମ୍ବଲପୁର ଜିଲାରେ ଜମି ସମସ୍ୟା ଯୋଗୁ କାର୍ଯ୍ୟାଳୟ ନିର୍ମାଣ ଅଟକି ରହିଛି ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ଭାଜପା ଜିଲା ସଭାପତି ଗିରିଶ ପଟେଲ କହିଛନ୍ତି, ପୂର୍ବରୁ ୨ଟି ସ୍ଥାନରେ ଜମି କିଣାଯାଇଛି। ହେଲେ ଉକ୍ତ ଜମି କମିଟି ମନକୁ ପାଇଲା ନାହିଁ। ଏବେ ନୂତନ କମିଟି ଗଠନ କରାଯାଇ ଜମି କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଜମି ଦେଖା ସରିଛି। ଏକସପ୍ତାହ ଭିତରେ ଏହା ଚୂଡାନ୍ତ ହୋଇଯିବ ଓ କାର୍ଯ୍ୟାଳୟ ନିର୍ମାଣ କାମ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ ବୋଲି ସେ କହିଥିଲେ।

## ସମ୍ବଲପୁର ରେଳମଣ୍ଡଳରେ ନିରାପତ୍ତା ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୩୦।୬ (ବ୍ୟୁରୋ)

ପୂର୍ବତଟ ରେଳପଥ ସମ୍ବଲପୁର ରେଳ ମଣ୍ଡଳରେ ନିରାପତ୍ତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନିରାପତ୍ତା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା ଓ ସଙ୍କେତ ଏବଂ ଦୂରସଞ୍ଚାର ବିଭାଗର ୭୫ଜଣ ସୁପରଭାଇଜର, କର୍ମଚାରୀ, ଅଧିକାରୀ ଭର୍ଚୁଆଲରେ ଯୋଗଦେଇଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଏଥିରେ ଅଧକ୍ଷତା କରି ନିରାପତ୍ତା ନିୟମ ପ୍ରଭାବିତ କରୁଥିବା କୌଣସି ପ୍ରକାର ଶର୍ଟକଟ୍ ପ୍ରଦ୍ଧତି ଗ୍ରହଣ କରିବା ଉଚିତ ନୁହେଁ ବୋଲି ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ୍‌ଭିଏସ୍‌ଏସ୍ ପାତ୍ରୁଡୁ କର୍ମଚାରୀମାନଙ୍କ ତାଲିମ ଓ ପରାମର୍ଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ସଙ୍କେତ ଓ ଦୂରସଞ୍ଚାର ଯନ୍ତ୍ରୀ ସିଏଚ୍ ଶ୍ରୀନିବାସ ଟ୍ରେନ ପରିଚାଳନାରେ ଶର୍ଟକଟ୍ ପଦ୍ଧତି ରୋକିବା ଉପରେ ବୁଝାଇଥିଲେ। ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ କେ ସନ୍ଦିବ, ନିରାପତ୍ତା ଅଧିକାରୀ ପିତବାସ ପଣ୍ଡା ସଂଯୋଜନା କରିଥିଲେ।

## ଗୋହତ୍ୟା ବନ୍ଦ ଦାବିରେ ସ୍ମାରକପତ୍ର

ସମ୍ବଲପୁର,୩୦।୬ (ବ୍ୟୁରୋ): ସମ୍ବଲପୁର ଜିଲାରେ ଗୋହତ୍ୟା ବଢ଼ିବାରେ ଲାଗିଛି। ଏଥିସହ ଟ୍ରକ ଯୋଗେ ଚମଡା ଅନ୍ୟ ରାଜ୍ୟକୁ ଚାଲାଣ ହେଉଛି। ଏହାକୁ ରୋକିବା ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ପ୍ରାୟ ୨୫ଟି ବେଆଇନ କଂସେଇଖାନା ରହିଛି।

## ପେଟ୍ରୋଲ ଦରବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ

ଝାରସୁଗୁଡ଼ା ଅଫିସ,୩୦।୬

ଡିଜେଲ, ପେଟ୍ରୋଲ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ଝାରସୁଗୁଡା ଜିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ତରଫରୁ ବୁଧବାର ବେହେରାମାଲ କିଷାନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ସିପିଆଇ ଜିଲା ଜୋନାଲ ସେକ୍ରେଟାରୀ ହରିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ ରାଜ୍ୟ ପରିଷଦ ସଦସ୍ୟ ଅନିତ ଚକ୍ରବର୍ତ୍ତୀ, ସାରଙ୍ଗଧର ମିଶ୍ର, ରମେଶ ତ୍ରିପାଠୀ, ରମାକାନ୍ତ ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଏ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

# ନୂତନ ପ୍ରକଳ୍ପର ସର୍ଭେ କାର୍ଯ୍ୟ ଆରମ୍ଭ



ବିଧାୟିକା କୁସୁମ ଟେଟେଙ୍କ ସହ ଅଧିକାରୀ।

**ବିଧାୟିକା, ପ୍ରଶାସନିକ ଅଧିକାରୀ ଉପସ୍ଥିତ**

ସୁନ୍ଦରଗଡ଼, ୩୦।୬(ଡି.ଏନ୍.ଏ)

ସୁନ୍ଦରଗଡ଼ ପୌରାଞ୍ଚଳରେ ବିଧାୟିକା କୁସୁମ ଟେଟେଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ପାଇଁ ମଙ୍ଗଳବାର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନ ଚିହ୍ନଟ କରାଯିବା ସହ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମେ ସଦର ତହସିଲ କର୍ମଚାରୀଙ୍କ ସହଯୋଗରେ ନୂଆଁ ଅମଲିପାଲି ଠାରେ ୨୦ଏକର ଜାଗା ଚିହ୍ନଟ କରାଯାଇଥିଲା। ଯେଉଁଠି ପ୍ରସ୍ତାବିତ ରାଜ୍ୟସ୍ତରୀୟ ଷ୍ଟାଡିୟମ, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପଡିଆ ଓ ପାର୍କିଂ ସ୍ଥାନ ନିର୍ମାଣ କରାଯିବ। ଏହା ପରେ ଶଙ୍କରାଠାରୁ ଏକ ନୂତନ ରାସ୍ତା କଲେଜ ବାଇପାସଠାରେ ସଂଯୋଗୀକରଣ, ଏହା ବ୍ୟତୀତ ଶଙ୍କରାଠାରୁ ଏକ ପ୍ରଶସ୍ତ ଚଉଡା ରାସ୍ତା, ୧୦ନଂ ରାଜ୍ୟ ରାଜପଥ ସହ ସଂଯୋଗୀକରଣ, ଏଥିସହ ସହରର ଅନ୍ୟାନ୍ୟ ସଙ୍କୁଚିତ ରାସ୍ତାର ପ୍ରଶସ୍ତୀକରଣ, ଶଙ୍କରାଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ ଶୀଘ୍ର ଶେଷ କରିବା ସହ ମେଡିକାଲ ଛକଠାରେ ଥିବା ପୁରୁଣା ସର୍କିଟ ହାଉସକୁ ଭାଙ୍ଗି ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ମେଡିକାଲ ଛକରୁ ସରକାରୀ ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଜାଗା ମାପ ହୋଇଥିଲା। ଏହି ସମୟରେ ବିଧାୟିକା କୁସୁମ ଟେଟେ, ଯୁବନେତା ଅଜୟ ପଟେଲ, ସଦର ତହସିଲଦାର ପୁଷ୍ପକ ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଶାହା, ପୂର୍ବ ନିର୍ବାହୀ ଅଧିକାରୀ ଇଂ. ନାରାୟଣ ପଟେଲଙ୍କ ସମେତ ପୂର୍ତ୍ତ, ପୌର ଓ ସଦର ତହସିଲର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବାରିକ ପରିବାରଙ୍କୁ ସହାୟତା

ବଡ଼ଗାଁ, ୩୦।୬ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳର ୨୩ଟି ବାରିକ ସମାଜର ପରିବାରଙ୍କୁ ନାଏବ ସରପଞ୍ଚ କେଶବ କର୍ସେଲଙ୍କ ପକ୍ଷରୁ ୭କେଜି ଲେଖାଏଁ ଅଟା ବଣ୍ଟନ କରିବା ସହିତ କରୋନା ସମ୍ପର୍କିତ ସଚେତନତା କରାଇଥିଲେ। ବୁଧବାର ଅପରାହ୍ନରେ ବଡ଼ଗାଁ ବସ୍ତିଠାରେ ବାରିକ ସମାଜର ଲୋକେ ସମବେତ ହୋଇଥିଲେ। ସେଠାରେ ନାଏବ ସରପଞ୍ଚ ଅକ୍ସିମିଟର୍‌ରେ ଅକ୍ସିଜେନ୍ ସ୍ତର ମାପ କରିଥିଲେ। ଏହା ପରେ ସେମାନଙ୍କୁ ସରକାରଙ୍କ କରୋନା କଟକଣା ମାନିବା, ହାତ ଧୋଇବା, ଦୂରତ୍ୱ ରକ୍ଷା, ମାସ୍କ ପିନ୍ଧିବା ଉପରେ ସଚେତନ କରାଇବା ସହ କୋଭିଡ୍ ଭେକସିନ୍ ନେବାକୁ ବୁଝାଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

କୁତ୍ରା, ୩୦।୬ (ଡି.ଏନ.ଏ)

କୁତ୍ରା ବ୍ଲକରେ ମାଧ୍ୟମିକ ଓ ପ୍ରାଥମିକ ବିଦ୍ୟାଳୟରୁ ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ବୁଧବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ସେମାନେ ହେଲେ ସର୍ଗୁଲିଶାନ ବିଦ୍ୟାପୀଠରେ କାର୍ଯ୍ୟରତ ଅନନ୍ତ ପଟେଲ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଫୁଲଦେଇ ହରିଜନ, ବୁଢାକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିରାମ ପୋଢ। କରୋନା କଟକଣାକୁ ଆଖି ଆଗରେ ରଖି ଏହି ତିନିଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନୁଷ୍ଠାନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଧର୍ମଘଟ

ରାଉରକେଲା ଅଫିସ, ୩୦।୬

ତୁରନ୍ତ ମଜୁରି ଚୁକ୍ତିନାମା ଓ ଅନ୍ୟାନ୍ୟ ଦାବିରେ ସେଲ ପରିଚାଳନାଧୀନ ସମସ୍ତ ଇସ୍ପାତ କାରଖାନାରେ ବୁଧବାର ମିଳିତ ଟ୍ରେଡ଼ ୟୁନିୟନ ପକ୍ଷରୁ ଦିଆଯାଇଥିବା ଧର୍ମଘଟର ପ୍ରଭାବ ରାଉରକେଲାରେ ଦେଖିବାକୁ ମିଳିଛି। ସିଟୁ, ବିଏମ୍‌ଏସ, ରାଉରକେଲା ଶ୍ରମିକ ସଂଘ, ଗାଙ୍ଗପୁର ମଜଦୁର ମଞ୍ଚ ସମେତ ୧୦ଟି ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ସକାଳୁ ଆର୍‌ଏସ୍‌ପିର ମୁଖ୍ୟ ଫାଟକ ଏବଂ ପାୱାର ଗେଟ ସମ୍ମୁଖରେ ଧାରଣା ଦେଇ ଏ ସିଫ୍ଟରେ କାରଖାନାକୁ ଯାଉଥିବା କର୍ମଚାରୀଙ୍କୁ ଛାଡି ନ ଥିଲେ। ଫଳରେ ସେଠାରେ କିଛି ସମୟ ଲାଗି ଉତ୍ତେଜନା ଦେଖାଦେଇଥିଲା। ସଙ୍ଗେ ସଙ୍ଗେ ସେଠାରେ ମୁତୟନ ଥିବା ପୋଲିସ ହସ୍ତକ୍ଷେପ ଫଳରେ ସ୍ଥିତି ନିୟନ୍ତ୍ରଣରେ ରହିଥିଲା। ମିଳିତ ଟ୍ରେଡ଼ ୟୁନିୟନ କର୍ମକର୍ତ୍ତାମାନେ ବିଶ୍ରା ଛକରେ ବିକ୍ଷୋଭ ମଧ ପ୍ରଦର୍ଶନ କରିଛନ୍ତି। ସୂଚନା ଯୋଗ୍ୟଯେ ମଜୁରୀ ଚୁକ୍ତିନାମାରେ ସେଲ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ସମସ୍ତ ସେଲ ପରିଚାଳନାଧୀନ ଇସ୍ପାତ କାରଖାନାରେ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟ ସକାଳ ୬ ଟାରୁ ଆରମ୍ଭ ହୋଇଥିବାବେଳେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଧର୍ମଘଟକୁ ବେଆଇନ ଘୋଷଣା କରିଛନ୍ତି। ସେପଟେ ଧର୍ମଘଟ ପ୍ରଭାବରେ ଆର୍‌ଏସ୍‌ପିର ଉତ୍ପାଦନ ବ୍ୟାହତ ହୋଇଛି। ବିଭିନ୍ନ ବିଭାଗର ଅଧିକାରୀମାନେ ଠିକା ଶ୍ରମିକଙ୍କୁ ନେଇ କାମ କରୁଛନ୍ତି।

## କଂଗ୍ରେସର ଭିଜିଲାନ୍ସ ଏସ୍‌ପି ଅଫିସ୍ ଘେରାଉ, ବିକ୍ଷୋଭ

ରାଉରକେଲା ଅଫିସ, ୩୦।୬

ରାଉରକେଲା ଛେଣ୍ଡ ସ୍ଥିତ ସେଣ୍ଟ୍ରାଲ ପାର୍କ ଦୁର୍ନୀତିର ତୁରନ୍ତ ତଦନ୍ତ ସହିତ ଆଗତ ଅନ୍ୟାନ୍ୟ ଦୁର୍ନୀତି ଅଭିଯୋଗର ତଦନ୍ତକୁ ତ୍ୱରାନ୍ୱିତ କରିବା ଦାବିରେ ବୁଧବାର କଂଗ୍ରେସ ତରଫରୁ ସ୍ଥାନୀୟ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛେଣ୍ଡ ସେଣ୍ଟ୍ରାଲ ପାର୍କ ଦୁର୍ନୀତିର ତୁରନ୍ତ ତଦନ୍ତ ଆରମ୍ଭ ନ ହେଲେ ଭିଜିଲାନ୍ସ କାର୍ଯ୍ୟାଳୟରେ ଜିଲା କଂଗ୍ରେସ ତାଲା ମାରିବାକୁ ବାଧହେବ ବୋଲି ଏହି ଅବସରରେ ଦଳ ପକ୍ଷରୁ ଘୋଷଣା କରାଯାଇଛି। ଜିଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।

# ଟିକା ଅଭାବ: ଫେରିଗଲେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ

କୁତ୍ରା, ୩୦।୬(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ଟିକାଦାନ କେନ୍ଦ୍ରରେ ଗତ ତିନି ଦିନ ଧରି ଟିକାର ଅଭାବ ଦେଖାଦେଇଛି। ଫଳରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ଟିକା ନ ନେଇ ଫେରିଯାଇଥିବାର ଅଭିଯୋଗ ହେଉଛି। କୁତ୍ରା ବ୍ଲକରେ ୧୮ରୁ ୪୪ ବର୍ଷ ବର୍ଗ ପାଇଁ ୩ଟି କେନ୍ଦ୍ରରେ ଟିକା ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। ସେଗୁଡ଼ିକ ହେଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୂର୍କାପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗଏରବାହାଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ତେବେ ଟିକା ଅଭାବ ଯୋଗୁ ଗତ ୨୮ତାରିଖ କେବଳ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨୦ ଡୋଜ ଟିକା ଦିଆଯାଇଥିଲା ଏବଂ ପାଖାପାଖି ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଟିକା ନ ପାଇ ନିରାଶ ହୋଇ ଫେରିଯାଇଥିଲେ ଏବଂ ୨୯ ତାରିଖ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକ ଓ ୩୦ ତାରିଖ ପ୍ରାୟ ୪୦୦ ଲୋକ ଟିକା ନ ପାଇ ଫେରିଯାଇଥିବା ଜଣାପଡ଼ିଛି। ଏପ୍ରକାର ଟିକାଦାନ ବ୍ୟବସ୍ଥା ରହିଲେ ସାଧାରଣ ଜନତା ହଇରାଣ ହେବେ।୧୮ବର୍ଷରୁ ୪୪ବର୍ଷ ପର୍ଯ୍ୟନ୍ତ ଟିକା କରଣକୁ ପ୍ରାଧାନ୍ୟ ଦିଆଯାଇଥିବାବେଳେ ସେମାନଙ୍କୁ ଟିକା ଦିଆଯାଇପାରୁନାହିଁ।

# କରୋନା ଟେଷ୍ଟ ପରେ ହାଟ ଭିତରକୁ ଯିବାକୁ ଅନୁମତି

କୁଆଁରମୁଣ୍ଡା,୩୦।୬(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ସାପ୍ତାହିକ ହାଟ (ମଙ୍ଗଳବାର ବଜାର)କୁ ରାଉରକେଲା, ବିଶ୍ରା, ନୂଆଗାଁ, ରାଏବୋଗା, ବୀରମିତ୍ରପୁର ଏପରିକି ଓଡିଶା–ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସିମଡେଗା ଅଞ୍ଚଳରୁ ବେପାରୀମାନେ ଆସି ବେପାର କରିଥାଆନ୍ତି। ମାତ୍ର କରୋନା କଟକଣାକୁ ଦୃଷ୍ଟିରେ ରଖି ଏହି ହାଟକୁ ବନ୍ଦ କରିଦିଆଯାଇଥିଲା। କୁଆଁରମୁଣ୍ଡା ସରପଞ୍ଚ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଟିମ୍ ସହାୟତା ନେଇ ହାଟରେ କରୋନା ପରୀକ୍ଷା କରାଇଛନ୍ତି। ଯେଉଁ ବେପାରୀମାନେ କରୋନା ଟେଷ୍ଟ କରିବେ ସେହିମାନଙ୍କୁ ହାଟ ଭିତରକୁ ପ୍ରବେଶ ଅନୁମତି ଦିଆଯିବା ଭଳି ପଦକ୍ଷେପ ମଙ୍ଗଳବାର ବଜାରରେ କୁଆଁରମୁଣ୍ଡା ସରପଞ୍ଚ ସୁଷମାକାନ୍ତି କିଣ୍ଡୋ ଗ୍ରହଣ କରିଛନ୍ତି। ପ୍ରାୟ ୨୬୦ ବେପାରୀ କରୋନା ଟେଷ୍ଟ କରାଇଛନ୍ତି। ଆଣ୍ଟିଜେନ୍ ଟେଷ୍ଟରେ କାହାରିହେଲେ ପଜିଟିଭ୍ ବାହାରି ନାହିଁ। ଫଳରେ ଟେଷ୍ଟ କରିଥିବା ସମସ୍ତ ବେପାରୀମାନଙ୍କୁ ହାଟ ଭିତରେ ପ୍ରବେଶ କରି ବେପାର କରିବାକୁ ସରପଞ୍ଚ କିଣ୍ଡୋ ଅନୁମତି ଦେଇଥିଲେ।

# ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

ଦେବଗଡ଼/ରିଆମାଳ, ୩୦।୬(ଡି.ଏନ.ଏ)

ରିଆମାଳ ବ୍ଲକ କର୍ତ୍ତୃପକ୍ଷଙ୍କ ଦ୍ୱାରା ମନୋମୁଖି କାର୍ଯ୍ୟ ଓ ଉନ୍ନୟନମୂଳକ କାର୍ଯ୍ୟରେ ହେଉଥିବା ବ୍ୟାପକ ଅନିୟମିତତା ପ୍ରତିବାଦରେ ଜିଲା ଭାଜପା ପକ୍ଷରୁ ବୁଧବାର ରିଆମାଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ତାଲା ପକାଯାଇଥିଲା। ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ରିଆମାଳ ମଣ୍ଡଳ ସଭାପତି ସଞ୍ଜିବ ବେହେରା, ଜିଲା ଭାଜପା ସାଧାରଣ ସମ୍ପାଦକ ସମୀର କୁମାର ସାହୁ, ନିରଞ୍ଜନ ବେହେରା, ଜିଲା ଉପଭାପତି ଭାରତ ଭୂଷଣ ପ୍ରଧାନ, ବିଧାୟକଙ୍କ ରିଆମାଳ ବ୍ଲକ ପ୍ରତିନିଧି ଶରତ ସାହୁ, ତିଲେଇବଣି ବ୍ଲକ ପ୍ରତିନିଧି ଅକାଲୁ ଧଳ, ମଣ୍ଡଳ ସମ୍ପାଦକ ବିରେନ ପ୍ରଧାନ ଓ ନରେଶ ନାଥ, ପୂର୍ବତନ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ପ୍ରକାଶ କୁମାର ଆଚାର୍ଯ୍ୟ, ପୂର୍ବତନ ବ୍ଲକ ସଭାପତି ରାକେଶ ଦାଶ, ଓବିସି ମୋର୍ଚ୍ଚା ମଣ୍ଡଳ ସଭାପତି ଅମୂଲ୍ୟ ସାହୁ, ପଞ୍ଚାୟତ ସଭାପତି ପ୍ରଦୀପ କୁମାର ବେହେରା, ସନ୍ତୋଷ କୁମାର ସାହୁ, ଇଂ. ସରୋଜ କୁମାର ପ୍ରଧାନ, ରମଣୀରଂଜନ ଆଚାର୍ଯ୍ୟ, ପ୍ରତାପ କୁମାର ପଣ୍ଡା, ସୁଧିର କୁମାର ପାତ୍ର ଓ ଠକଲାଲ ଠାକୁରଙ୍କ ସମେତ ଭାଜପାର ବହୁ ନେତା ଓ କର୍ମୀ ଉପସ୍ଥିତ ରହି ରିଆମାଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ଦେବଗଡ ବିଧାୟକ ପାଣିଗ୍ରାହୀ ରିଆମାଳ ବ୍ଲକରେ ଚାଲିଥିବା ଅରାଜକତା ଓ ବ୍ୟାପକ ଅନିୟମିତତା ସାଙ୍ଗକୁ କର୍ତ୍ତୃପକ୍ଷଙ୍କର ମନୋମୁଖୀ କାର୍ଯ୍ୟକଳାପର ତୀବ୍ର ସମାଲୋଚନା କରିଥିଲେ।




ରିଆମାଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧ ଜୁଲାଇ, ୨୦୨୧

## କାର ଧକ୍କାରେ ସାଇକେଲ ଆରୋହୀ ମୃତ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ସହର ବୁଟୁପାଲି ଛକରେ ବୁଧବାର ଏକ କାର ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ବୌଦ୍ଧ ସହର ପଟରୁ ଚାରିଛକ ଆଡକୁ ଦ୍ରୁତଗତିରେ ଯାଉଥିବା ଏକ କାର (ନଂ ଓଡି ୧୧ ଏଲ ୦୫୮୬) ବୁଟୁପାଲି ଛକଠାରେ ସାଇକେଲରେ ଯାଉଥିବା ଡିଙ୍ଗର ମେହେର(୬୦)ଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଡିଙ୍ଗରଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ବୁଟୁପାଲିର କମଳ ମେହେର ଆହତ ହୋଇ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା କାରକୁ ନେଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି।



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ବରଗଡ଼ ଅଫିସ୍,୩୦।୬: ଭେଡ଼େନ ଥାନା ଅନ୍ତର୍ଗତ ତାଲମେଣ୍ଡା(ରଙ୍ଗାଟିକ୍ରା)ରେ ମଙ୍ଗଳବାର ବିଳମ୍ବିତ ରାତିରେ ସ୍ୱାମୀଙ୍କ ଠେଙ୍ଗା ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ହେଲେ କଳ୍ପନା ଖର୍ସେଲ(୩୨)। ପୋଲିସ ତାଙ୍କ ସ୍ୱାମୀ ଟିକେଶ୍ୱରଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ବିଳମ୍ବିତ ରାତ୍ରିରେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଟିକେଶ୍ୱର ସ୍ତ୍ରୀ କଳ୍ପନାଙ୍କୁ ଏକ ଠେଙ୍ଗାରେ ପିଟି ଦେଇଥିଲେ। କଳ୍ପନାଙ୍କ ମୃତ୍ୟୁ ହେବା ପରେ ମୃତଦେହକୁ ଘର ପଛପଟେ ପକାଇ ଦେଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ୍ କରିଥିଲା ।

### ଷ୍ଟାଫ ନର୍ସଙ୍କ ଆତ୍ମହତ୍ୟା

ବରଗଡ଼ ଅଫିସ୍,୩୦।୬: ବରଗଡ଼ ସହରରେ ରହିଥିବା ଏକ ଘରୋଇ ନର୍ସିଂହୋମ କାର୍ଯ୍ୟରତ ଜଣେ ଷ୍ଟାଫନର୍ସ ବୁଧବାର ଆତ୍ମହତ୍ୟା କରିଛନ୍ତି। ମୃତା ହେଲେ ରେଢ଼ାଖୋଲ ପୁରୁଣା ସାପ୍ତାହିକ ବଜାର ନିବାସୀ ଇତିଶ୍ରୀ ମହାନନ୍ଦ(୨୦)। ନର୍ସିଂହୋମର ଏକ କ୍ୱାର୍ଟର୍ସରେ ପଛପଟୁ କବାଟ ଦେଇ ପଙ୍ଖାରେ ଝୁଲି ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି । ଏ ନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୪/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ ।

### ବାଘ ଛାଲ ଜବତ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

ବଲାଙ୍ଗୀର ଅଫିସ, ୩୦।୬: ସଇଁତଲା ରେଞ୍ଜ କଅଁସର ଗ୍ରାମର ବିଶ୍ୱାମିତ୍ର ରଣାଙ୍କ ଇନ୍ଦିରା ଆବାସ ଘରେ ଡିଏଫ୍ଓ ସମୀର ଶତପଥୀଙ୍କ ନେତୃତ୍ୱରେ ବନବିଭାଗ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଏକ କଲରାପତରିଆ ବାଘ ଛାଲ ଜବତ୍ କରିଥିଲା। ତେବେ ରଣା ଫେରାର ହୋଇଯାଇଥିଲେ। ବୁଧବାର ମୁଖ୍ୟ ଅଭିଯୁକ୍ତ ରଣା ବଲାଙ୍ଗୀର ରେଞ୍ଜ ଅଫିସକୁ ଆତ୍ମସମର୍ପଣ କରିଥିଲେ। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ତାଙ୍କଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇଥିଲା। ଏ ସଂକ୍ରାନ୍ତରେ ଟିଟିଲାଗଡ଼ ରେଞ୍ଜ ଅଫିସରେ ଏକ ମାମଲା (ନଂ.୫୧/୨୧) ରୁଜୁ କରାଯାଇଛି।

### ଧାନ ଛାଡ଼ି ଫେରିଲେ ଚାଷୀ

ବରଗଡ଼ ଅଫିସ୍,୩୦।୬: ବରଗଡ଼ ଜିଲାପାଳ ଅଫିସ ଏବଂ ଜିଲା ଯୋଗାଣ କାର୍ଯ୍ୟାଳୟ ଆଗରେ ଧାନ ଗଦା କରି ସୋମବାରରୁ ଚାଲିଥିବା ଚାଷୀ ଆନ୍ଦୋଳନକୁ ବୁଧବାର ରାତ୍ରି ପ୍ରାୟ ସାଢ଼େ ୭ଟାରେ ଚାଷୀମାନେ ସ୍ଥଗିତ ରଖିଛନ୍ତି। ଅନ୍ୟପକ୍ଷେ ଚାଷୀମାନେ ଜିଲାପାଳ ଏବଂ ଯୋଗାଣ କାର୍ଯ୍ୟାଳୟ ଆଗରେ ଗଦା କରିଥିବା ଧାନକୁ ଛାଡ଼ି ଦେଇ ନିଜ ଘରକୁ ଫେରିଛନ୍ତି। ଅନ୍ୟପକ୍ଷେ ଚାଷୀଙ୍କ ବିକ୍ଷୋଭ ଯୋଗୁ ବୁଧବାର ଯୋଗାଣ କାର୍ଯ୍ୟାଳୟରେ ବିଭାଗୀୟ କର୍ମଚାରୀଙ୍କୁ ହଟହଟା ହେବାକୁ ପଡ଼ିଥିଲା । ଚାଷୀମାନେ ସମବେତ ହୋଇ କାଯର୍ୟ୍ୟାଳୟର ଫାଟକ ଗୁଡ଼ିକୁ ବନ୍ଦ କରି ଦେଇଥିଲେ। ଫଳରେ ବିଭାଗୀୟ କର୍ମଚାରୀମାନେ ଦୀର୍ଘ ସମୟ ଧରି କାର୍ଯ୍ୟାଳୟରୁ ବାହାରି ପାରି ନଥିଲେ। ତେବେ ଚାଷୀମାନେ ଜିଲାପାଳ ଓ ଜିଲା ଯୋଗାଣ କାଯର୍ୟ୍ୟାଳୟ ଅଫିସ ଆଗରେ ଚଲାଇଥିବା ଧାରଣାକୁ ସ୍ଥଗିତ ରଖିଥିଲେ ହେଁ ଏକ ବଡ଼ ଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି ।

### ଭୁବନ କଟାଁରେ ମାଛଚାଷ ପାଇଁ ନିଲାମ ନ କରିବାକୁ ଦାବି

ଲୋଇସିଂହା,୩୦।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡା ଗ୍ରାମର ଭୁବନ କଟାଁକୁ ମାଛ ଚାଷ ପାଇଁ ପଞ୍ଚାୟତ ପକ୍ଷରୁ ନିଲାମରେ ଦିଆଯାଇଛି। ଏହାକୁ ଭାଲିଆମୁଣ୍ଡା ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ସେମାନେ ବୁଧବାର ଉପଜିଲାପାଳ ଲମ୍ବୋଦର ଧରୁଆଙ୍କ ନିକଟରେ ଲିଖିତଭାବେ ଫେରାଦ ହୋଇଛନ୍ତି। କଟାଁକୁମାଛ ଚାଷ ପାଇଁ ନିଲାମରେ ନଦେବାକୁ ନିବେଦନ କରିଛନ୍ତି। ବାଦିବାହଲ ପଞ୍ଚାୟତ ପକ୍ଷରୁ ଭୁବନ କଟାଁକୁ ଗତ କିଛିବର୍ଷ ହେଲା ମାଛ ଚାଷ ପାଇଁ ନିଲାମରେ ଦିଆଯାଉଛି। ନିଲାମଧାରୀ ନିୟମିତ ଭାବେ ମାଛ ମାରୁଥିବାରୁ କଟାଁ ପାଣି ଦୂଷିତ ହେଉଛି। ଗ୍ରାମବାସୀ କଟାଁରେ ସ୍ନାନଶୌଚ କଲେ ଦେହ କୁଣ୍ଡାଇ ହେଉଛି। ଏଭଳି ପରିସ୍ଥିତିରେ ଚଳିତବର୍ଷ କଟାଁକୁ ଆରକ୍ଷଣ ରଖିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ଭେଟି ଗ୍ରାମବାସୀ ଅନୁରୋଧ କରିଥିଲେ। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ଜଣେ ବ୍ୟକ୍ତିଙ୍କୁ ନିଲାମ ଦେଇଥିବା ଗ୍ରାମବାସୀ ଜାଣିବାକୁ ପାଇ ଅସନ୍ତୋଷବ୍ୟକ୍ତ କରିଛନ୍ତି।

# ଥମୁନି ଚାଷୀ ଆନ୍ଦୋଳନ

ବରଗଡ଼ ଅଫିସ୍/ସରଣ୍ଡା,୩୦।୬

ବରଗଡ଼ ଜିଲାରେ ଧାନ କିଣାବିକା ସମସ୍ୟା ପ୍ରତିବାଦରେ ଚାଷୀ ଆନ୍ଦୋଳନ ବ୍ୟାପକ ହେବାରେ ଲାଗିଛି। ଧାନ ଉଠାଣ ଦାବି ନେଇ ଜିଲାପାଳ ଅଫିସ ଆଗରେ ଭେଡ଼େନ ବ୍ଲକ ରେଶମ ପଞ୍ଚାୟତର ଚାଷୀଙ୍କ ଧାରଣା ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ମାତ୍ର କିଛି ସୁଫଳ ମିଳିବା ତ ଦୂରର କଥା, ପ୍ରଶାସନିକ ଅଧିକାରୀ କିମ୍ବା ସ୍ଥାନୀୟ ଜନ ପ୍ରତିନିଧି ମଙ୍ଗଳବାର ଭଳି ବୁଧବାର ମଧ୍ୟ ଧାରଣାସ୍ଥଳରେ ପହଞ୍ଚି ନାହାନ୍ତି। ଅପରପକ୍ଷେ ଚାଷୀ ଆନ୍ଦୋଳନକୁ ସମର୍ଥନ ବଢ଼ିବାରେ ଲାଗିଛି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ପ୍ରବକ୍ତା ସରୋଜ ମହାନ୍ତି, ସମ୍ବଲପୁର ଜିଲା କୃଷକ ସଂଗଠନର ସାଧାରଣ ସମ୍ପାଦକ ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ସଂକଳ୍ପ ପରିବାରର ଉପସଭାପତି ଜି. ରମେଶ, ବିକାଶ ଅଗ୍ରୱାଲ, ଶେଷଦେବ ପ୍ରଧାନ



ଚାଷୀମାନେ ଜିଲା ଯୋଗାଣ କାର୍ଯ୍ୟାଳୟ ଅଭିମୁଖେ ଆସୁଛନ୍ତି।

ପ୍ରମୁଖ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ ଧାରଣାରେ ବସିଛନ୍ତି। ଜିଲାପାଳ ଅଫିସ ଆଗରେ ଚାଷୀମାନେ ନିଜର ହକ୍ ଦାବି କରି ଧାରଣାରେ ବସିଥିବାବେଳେ ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧି ଅଣଦେଖା ମନୋଭାବ ପୋଷଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷର ତାତି ବଢ଼ି ଚାଲିଛି ଏବଂ ବୁଧବାର ଚାଷୀମାନେ ତାଲା ପକାଇ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଅଚଳ କରି ଦେଇଛନ୍ତି।

ସେହିପରି ଅତାବିରାରେ ମଧ୍ୟ ଚାଷୀ ଆନ୍ଦୋଳନ ଜୋର୍ ଧରିଛି। ଓଡ଼ିଶା ରାଜ୍ୟ କୃଷକ ସଂଗଠନ ନେତୃତ୍ୱରେ ଚାଷୀମାନେ ସ୍ଥାନୀୟ ବ୍ଲକ ଓ ତହସିଲ ଅଫିସ୍‌ରେ ଧାନ ଗଦା କରିଛନ୍ତି। ଜିଲାରେ ପଡ଼ି ରହିଥିବା ସମସ୍ତ ଧାନକ୍ରୟ, ଅବଧି ସରିଥିବା ଟୋକନପୁନଃ କାର୍ଯ୍ୟକ୍ଷମ, ଟୋକନରୁ ବଞ୍ଚିତ ଚାଷୀଙ୍କ ଧାନ କ୍ରୟ, ଅଦିନିଆଁ ବର୍ଷାରେ ନଷ୍ଟ ଧାନକୁ କିଣାଯିବା ଏବଂ ଫସଲକ୍ଷତି ବାବଦକୁ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ଅତାବିରା ଶାଖା ସଭାପତି ବୀରେନ୍ଦ୍ର କର, ପୂର୍ବତନ ସଭାପତି କୌସ୍ତୁଭ ପ୍ରଧାନ, ଟିକେଲାଲ ମିଶ୍ର, ବୁଦ୍ଧଦେବ ନନ୍ଦ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଛନ୍ତି।

**ଧାନ କିଣାବିକା ସମସ୍ୟା**
- ଚତୁର୍ଥ ଦିନରେ ଜିଲାପାଳ ଅଫିସ ଆଗରେ ଧାରଣା
- ଯୋଗାଣ କାର୍ଯ୍ୟାଳୟରେ ତାଲା ମାରିଲେ ଚାଷୀ
- ଅତାବିରାରେ ଚାଷୀ ଆନ୍ଦୋଳନ ଜୋର୍ ଧରିଲା

# ଜିଲା ପ୍ରଶାସନ-ଏମ୍‌ସିଏଲ ମଧ୍ୟରେ ପ୍ରୋଜେକ୍ଟ ପ୍ରଗତି ଚୁକ୍ତିନାମା ସ୍ୱାକ୍ଷରିତ





ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଏବଂ ଏମ୍‌ସିଏଲ ସିଏସ୍‌ଆର ମହାପ୍ରବନ୍ଧକ ପ୍ରଣବ କୁମାର ଚକ୍ରବର୍ତ୍ତୀ ଏମ୍‌ଓୟୁ ସ୍ୱାକ୍ଷରିତ କରୁଛନ୍ତି।

ବଲାଙ୍ଗୀର ଅଫିସ, ୩୦।୬

**ବଲାଙ୍ଗୀର ଜିଲାର ୧୩ଟି ପ୍ରକଳ୍ପ ପାଇଁ ୩.୬୫ କୋଟିର ସିଏସ୍‌ଆର ଅନୁଦାନ**

ମହାନଦୀ କୋଲ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ର ସିଏସ୍‌ଆର୍ କାର୍ଯ୍ୟକ୍ରମ ଜରିଆରେ ନୀତି ଆୟୋଗର ଆକାଂକ୍ଷୀ ଜିଲା ବଲାଙ୍ଗୀରରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ପାଇଁ ପ୍ରୋଜେକ୍ଟ 'ପ୍ରଗତି' ନିମନ୍ତେ ଜିଲା ପ୍ରଶାସନ ଏବଂ ଏମସିଏଲ୍‌ଙ୍କ ମଧ୍ୟରେ ବୁଧବାର ଦ୍ୱିପାକ୍ଷିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲାପାଳ ଚଞ୍ଚଳ ରାଣା ଓ ଏମସିଏଲ୍ ସିଏସ୍‌ଆର ମହାପ୍ରବନ୍ଧକ ପ୍ରଣବ କୁମାର ଚକ୍ରବର୍ତ୍ତୀ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ। ପ୍ରୋଜେକ୍ଟ ପ୍ରଗତି କାର୍ଯ୍ୟକ୍ରମ ମାଧ୍ୟମରେ ବଲାଙ୍ଗୀର ଜିଲାରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଭିତ୍ତିଭୂମି ବିକାଶ ପାଇଁ ୧୩ଟି ପ୍ରକଳ୍ପ ନିମନ୍ତେ ମୋଟ ୩ କୋଟି ୬୪ ଲକ୍ଷ ୭୫ ହଜାର ୮୫୨ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ପ୍ରକଳ୍ପ ମଧ୍ୟରେ ବଲାଙ୍ଗୀର ଦିବ୍ୟାଙ୍ଗ ସ୍କୁଲର ଉନ୍ନତିକରଣ ନିମନ୍ତେ ୭.୩୫ ଲକ୍ଷ, ତିନୋଟି ସ୍ଥାନରେ କୁଷ୍ଠ କଲୋନୀର ଉନ୍ନତି ନିମନ୍ତେ ୪୧ ଲକ୍ଷ, ପୁଇଁତଲା ଓ ଗଇଁତଲା କୁଷ୍ଠ କଲୋନୀର କମ୍ୟୁନିଟି ହଲ ନିର୍ମାଣ ସକାଶେ ୭୦ଲକ୍ଷ, ବଲାଙ୍ଗୀର ସରକାରୀ ପଲିଟେକ୍‌ନିକ୍‌ର ପଶ୍ଚିମ ପାର୍ଶ୍ୱର ରାସ୍ତା ନିର୍ମାଣ ବାବଦରେ ୫୭.୪୭ ଲକ୍ଷ, ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସର୍ବସାଧାରଣ ଟଏଲଟ୍ ନିର୍ମାଣ ସକାଶେ ୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ବଲାଙ୍ଗୀର ଜିଲାର ବିକାଶ ପ୍ରକ୍ରିୟାରେ ମହାନଦୀ କୋଲ ଫିଲ୍ଡ ସହଯୋଗ କରିଥିବାରୁ ଜିଲାପାଳ ରାଣା ଧନ୍ୟବାଦ ଦେଇଥିଲେ। ଏହି ପ୍ରକଳ୍ପଗୁଡିକ ଆସନ୍ତା ଦୁଇବର୍ଷ ମଧ୍ୟରେ ଶେଷ ହେବ ବୋଲି କହିଥିଲେ। ଏମସିଏଲ ସିଏସ୍‌ଆର ମହାପ୍ରବନ୍ଧକ ଚକ୍ରବର୍ତ୍ତୀ ତାଙ୍କ ବକ୍ତବ୍ୟରେ ସିଏସ୍‌ଆର ଅନୁଦାନରେ ଆକାଂକ୍ଷୀ ଜିଲା ବଲାଙ୍ଗୀର, ନୂଆପଡା, କନ୍ଧମାଳ ଓ ରାୟଗଡାରେ କିଭଳି ପ୍ରକଳ୍ପ କାର୍ଯ୍ୟକାରୀ ହେବ ସେନେଇ ସୂଚନା ଦେଇଥିଲେ। ଡେପୁଟି କଲେକ୍ଟର ପ୍ରୀତମ ତନ୍ତୀ ସ୍ୱାଗତ ବକ୍ତବ୍ୟ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମସିଏଲର ସିଏସ୍‌ଆର ଆସିଷ୍ଟାଣ୍ଟ ମ୍ୟାନେଜର ଅରବିନ୍ଦ ସାହୁ, ସିଏଡିଏମ୍‌ଓ ଡା ଭୀମ ସାହୁ, ପୁଇଁତଲା ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଆଗଲପୁର ବିଡିଓ ଭୁବନ କୁମାର ଶତପଥୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ସରକାରୀ ଆଇଟିଆଇ ଅଧକ୍ଷ କମ୍ପପାଣି ମେହେର ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଭାରରେ ପାଣି ଆଣି ପହ୍ଲାଘାରିରେ ଦେଉଛନ୍ତି ଚାଷୀ

ଲୋଇସିଂହା, ୩୦।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଧାନଚାଷକୁ ଚାଷୀମାନେ ପ୍ରମୁଖ ଫସଲଭାବେ ଗ୍ରହଣ କରିଛନ୍ତି। ହେଲେ ଏଠାରେ ଜଳସେଚନର ବ୍ୟବସ୍ଥା ନାହିଁ। ବର୍ଷା ପାଣି ଉପରେ ଚାଷ ନିର୍ଭରଶୀଳ। ଅନିୟମିତ ବର୍ଷା ଯୋଗୁ ବହୁ ସମୟରେ ମରୁଡି ପରିସ୍ଥିତିର ସମ୍ମୁଖୀନ ହୋଇଥାଏ ଚାଷୀ। ତଥାପି ପ୍ରତି ଖରିଫରେ ଚାଷ ପାଇଁ ଅଣ୍ଟା ଭିଡିଥାନ୍ତି ଚାଷୀ। ଗତ ମେରେ ୪୦ଏମଏମ ଓ ଜୁନ ୧୫ ସୁଦ୍ଧା ୮୭.୩୦ ଏମଏମ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପ୍ରାକ ମୌସୁମୀ ଓ ଲଘୁଚାପ ଜନିତ ବର୍ଷା ଯୋଗୁ ବ୍ଲକରେ ଖରୁଡି ବୁଣା ଓ ତଳିପକା କାମ ବାଧାପ୍ରାପ୍ତ ହୋଇଥିଲା। ଅନୁକୂଳ ପାଗ ପରେ ଚାଷୀ ଧାନ ବୁଣିବା ସହ ଘରାରେ ତଳି ପକାଇଥିଲା। ହେଲେ ଗତ ୧୫ଦିନ ହେଲା ବ୍ଲକ ଅଞ୍ଚଳରେ ବର୍ଷାନାହିଁ। ଟାଇଁଟାଇଁ ଖରା ହେଉଛି। ଗଜାଧାନ ନଷ୍ଟ ହେବାରେ ଲାଗିଛି । ଏବେ ପହ୍ଲା ଘାରି ଓ ବୁଣା ଜମିରେ ପାଣି ମଡାଇ ସୁରକ୍ଷା



ପହ୍ଲାଘାରିରେ ପାଣି ଦେଉଛନ୍ତି ଜଣେ ଚାଷୀ।

**୧୫ଦିନ ହେଲା ବର୍ଷାନାହିଁ**

ଦେବାକୁ ଚାଷୀ ଉଦ୍ୟମ ଚଳାଇଛି। କେଉଁଟିପାଲି ଗ୍ରାମର ମହିଳା ଚାଷୀ ବନବାସୀ ନନ୍ଦ ତାଙ୍କର ୧ ହେକ୍ଟର ଜମି ସକାଶେ ପହ୍ଲା ପକାଇଛନ୍ତି। କାଁଭାଁ ଗଜା ଉଠିଛି । ପହ୍ଲାଘାରିକୁ ବଞ୍ଚାଇବା ପାଇଁ ଦୁଇଜଣ ଶ୍ରମିକ ନିୟୋଜିତ କରି ଭାରରେ ପାଣି ଆଣି ସେ ଘାରିରେ ସିଞ୍ଚନ କରୁଛନ୍ତି। ସେହିପରି ଛେଲବାହାଲ ଗ୍ରାମର ପାମର ପୋଢ ତାଙ୍କ ୫ ଏକର ଜମିରେ ସାଢେ ଅଢେଇ କୁଇଣ୍ଟାଲ ଧାନ ବୁଣିଛନ୍ତି। ବର୍ଷ ନ ହେବାରୁ ପତଳା ଧାନଗଜା ହୋଇଛି। ଗୋପବନ୍ଧୁ ମହାକୁର ମଧ୍ୟ କୁଣ୍ଟାଲପ୍ରତି ୧୯ଶହ ଟଙ୍କା ଦେଇ ବିହନ କିଣି ବୁଣିଛନ୍ତି। ହେଲେ ଏ ଯାଏ ଗଜାନ ଆସି ନ ଥିବା ସେ କହିଛନ୍ତି।

# ନିର୍ବନ୍ଧ ସାରି ଫେରିବା ବେଳେ ଓଲଟିଲା ପିକଅପ୍ ଭ୍ୟାନ

ଭବାନୀପାଟଣା, ୩୦।୬ (ଡି.ଏନ.ଏ.)

ବୁଧବାର ନିର୍ବନ୍ଧ ସାରି ଫେରିବା ବେଳେ ପୁରୁଣାଗୁମା ନିକଟରେ ପିକଅପ୍ ଭ୍ୟାନ ଓଲଟି ପଡ଼ିବାରୁ ୧୦ଜଣରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଚାଞ୍ଚେର ଗ୍ରାମର ଜଣେ ଯୁବକଙ୍କ ପାଇଁ କର୍ଲାପାଟ ନିକଟ ଟିକ୍ରାପଡା ଗ୍ରାମକୁ ଦୁଇଟି ପିକଅପ୍ ଭ୍ୟାନରେ ମହିଳା ଓ ପୁରୁଷ ନିର୍ବନ୍ଧ ପାଇଁ ଯାଇଥିଲେ। ଅପରାହ୍ଣ ୪ଟାରେ ଫେରିବା ସମୟରେ ପୁରୁଣାଗୁମା ନିକଟରେ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଗାଡ଼ିରେ ବସିଥିବା ୨୦ରୁ ଉର୍ଦ୍ଧ୍ୱଙ୍କ ମଧ୍ୟରୁ ୧୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ଡ୍ରାଇଭର ମଦ୍ୟପାନ କରିଥିବାରୁ ଦୁର୍ଘଟଣା ଘଟିଲା ବୋଲି ଆହତମାନେ କହିଛନ୍ତି। ଡ୍ରାଇଭର ବର୍ତ୍ତମାନ ଫେରାର ଥିବା ଜଣାପଡିଛି।

# ସମ୍ବଲପୁରୀ ବସ୍ତ୍ରାଳୟ ଅତ୍ୟାଧୁନିକ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



ମନ୍ତ୍ରୀ ପଦ୍ମିନୀ ଦିଆନ ସମ୍ବଲପୁରୀ ବସ୍ତ୍ରାଳୟର ଅତ୍ୟାଧୁନିକ ବିଶାଳ ବିକ୍ରୟ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ବରଗଡ଼ ଅଫିସ୍,୩୦।୬

ବରଗଡ଼ ସହରର ଗୋବିନ୍ଦପାଲିରେ ଥିବା ସମ୍ବଲପୁରୀ ବସ୍ତ୍ରାଳୟର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ବୁଧବାର ଅତ୍ୟାଧୁନିକ ବିଶାଳ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ୨୮୦୦ ବର୍ଗଫୁଟ୍‌ରେ ନିର୍ମିତ ଏହି ବିକ୍ରୟ କେନ୍ଦ୍ରକୁ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ଉଦ୍‌ଘାଟନ କରିଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ସମ୍ବଲପୁରୀ ବସ୍ତ୍ରାଳୟର ପୂର୍ବତନ ସଭାପତି ସସ୍ମିତ କୁମାର ଆଚାର୍ଯ୍ୟ, ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ନାଗ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ବିକ୍ରୟ କେନ୍ଦ୍ର ପାଇଁ ୧କୋଟି ୭୭ଲକ୍ଷ ଟଙ୍କା ୪୦ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେଥିରୁ ରାଜ୍ୟ ସରକାରଙ୍କ ହସ୍ତତନ୍ତ ବିକାଶ ଯୋଜନାରେ ୧କୋଟି ୩୩ଲକ୍ଷ ୫ହଜାର ଟଙ୍କାର ଅନୁଦାନ ରହିଥିବାବେଳେ ସମିତିର ନିଜସ୍ୱ ପାଣ୍ଠିରୁ ୪୪ଲକ୍ଷ ୩୫ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଛି। ଏହି ବିଶାଳ ବିକ୍ରୟ କେନ୍ଦ୍ରରେ ବାର୍ଷିକ ୫କୋଟିରୁ ୭କୋଟି ଟଙ୍କାର ଲୁଗା ବିକ୍ରୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ଏବଂ ଲକ୍ଷ୍ୟ ପୂରଣ ଦିଗରେ ଉକ୍ତ ବିକ୍ରୟ କେନ୍ଦ୍ର ସହାୟକ ହେବ ବୋଲି ଆଶା କରାଯାଉଛି। ଉଦଘାଟନୀ ସମାରୋହକୁ ସମିତିର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ ଏବଂ ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ ।

# ବିପୁଳ ପରିମାଣର ଗଞ୍ଜେଇ ଜବତ: ୪ ଗିରଫ

ସୋନପୁର/ଅମରପାଲି/ଉଲୁଣ୍ଡା/ବାଉଁଶୁଣୀ, ୩୦।୬ (ନି.ପ୍ର/ଡି.ଏନ.ଏ.)

ବୁଧବାର ଗୋଟିଏ ଦିନରେ ସୁବର୍ଣ୍ଣପୁର ଜିଲାର ଦୁଇଟି ସ୍ଥାନ ଓ ବୌଦ୍ଧ ଜିଲାର ଗୋଟିଏ ସ୍ଥାନରୁ ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି । ଏହି କାରବାରରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪ ଜଣ ଫେରାର ହୋଇଯାଇଛନ୍ତି। ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକର ରକ୍ସା ଛକ ନିକଟରୁ ପୋଲିସ ସକାଳେ ୧୫ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରିଛି। ଏହାସହ ଗଞ୍ଜେଇ ଭର୍ତ୍ତି ହୋଇଥିବା କଣ୍ଟେନରକୁ ଜବତ କରିବା ସହ ଏହାର ଚାଳକଙ୍କୁ ଧରିଛି। ପ୍ରାଥମିକ ତଦନ୍ତରୁ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଦେଢ଼କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଗଞ୍ଜେଇ ଚାଲାଣ ନେଇ ଖବର ପାଇ ବୀରମହାରାଜପୁର ପୋଲିସ ରକ୍ସା ଛକରେ ଜଗି ରହିଥିଲା। ଏହି ସମୟରେ ଜେଏସ ୦୯ ଜେ-୧୨୮୩ ନମ୍ବର ବିଶିଷ୍ଟ କଣ୍ଟେନରରେ ଗଞ୍ଜେଇ ଆସୁଥିବା ସନ୍ଦେହ କରି ଅଟକା ଯାଇଥିଲ। ଯାଞ୍ଚ ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳରୁ ଝାଡଖଣ୍ଡର ରାଞ୍ଚିକୁ ଗଞ୍ଜେଇ ଚାଲାଣ ହେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଚାଲାଣ ବେଳେ କଣ୍ଟେନରରେ କେବଳ ଚାଳକ ଥିଲେ ନା ଆଉ କେତେ ଜଣ ଯାଉଥିଲେ ତାହା ଏ ଯାଏ ସ୍ପଷ୍ଟ ହୋଇନାହିଁ। ମାତ୍ର ଗଞ୍ଜେଇ ଭର୍ତ୍ତି ଗାଡିକୁ ସୁରକ୍ଷା ଦେବାକୁ ଯାଉଥିବା ଅନ୍ୟ ଗାଡିର ପ୍ରାୟ ୪ଜଣ ଫେରାର ହୋଇଥିବା ଜଣାପଡିଛି ।

ସେହିପରି ସୋନପୁର ଟାଉନ ପୋଲିସ ୫୭ନଂ ଜାତୀୟ ରାଜପଥର କୁଞ୍ଜ ଛକଠାରେ ଚଢାଉ କରି ୯୪ କିଲୋ ୧୪୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ କଟକ ଜିଲା ଜଗତପୁର ଥାନା ପୂର୍ବକଛ ଅଞ୍ଚଳର ରାଜେନ୍ଦ୍ର ପଣ୍ଡା(୨୯) ଓ ମୋହନ ସାହୁ(୩୬)ଙ୍କୁ ଗିରଫ କରାଯାଇଛି। ରାଜେନ୍ଦ୍ର ଓ ମୋହନ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଦପଲା ଅଞ୍ଚଳରୁ ଗଞ୍ଜେଇ କିଣି ବିକ୍ରି ଉଦ୍ଦେଶ୍ୟରେ କାରରେ କଟକ ନେଉଥିଲେ। ପୋଲିସ ଲାଲ ରଙ୍ଗର ହୁଣ୍ଡାଇ ଆଇ୨୦ ଆକ୍ଟିଭ୍ କାର (ନଂ ଓଡି୦୫ଏଏଚ-୫୧୯୯)ତନଖି ସମୟରେ ୪ଟି ଜରି ବସ୍ତାରୁ ଗଞ୍ଜେଇ ମିଳିଛି। ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ନଗଦ ୧ଲକ୍ଷ ୨୪ହଜାର ୭୧୦ଟଙ୍କା, ମୋବାଇଲ ଫୋନ, ଏଟିଏମ୍ କାର୍ଡ ଓ ପାନକାର୍ଡ ଜବତ କରାଯାଇଛି।

ଅନ୍ୟପକ୍ଷରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଗୋଛାପଡା ପଞ୍ଚାୟତ ଟାଲୁପାଲି ନିକଟରୁ ସକାଳେ ପୋଲିସ ୩୬.୫୦୦ କିଲୋ ଗଞ୍ଜେଇ ସହ ଏକ କାର ଜବତ କରିଛି । କାର (ଓଆର୍ ୦୨ ଆର- ୭୦୭୦)ରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ଏହି ଘଟଣାରେ ସମ୍ପୃକ୍ତ କଟକ ଚାଉଳିଆଗଞ୍ଜ ଥାନା ନୟାବଜାରର ମୁନା ସିଂ ଓ ପବନ ପ୍ରଧାନଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଅବାଧରେ ଚାଲିଛି ବାଲି ଚୋରାଚାଲାଣ

ଲୋଇସିଂହା, ୩୦।୬(ଡି.ଏନ.ଏ.)

**ଲିଜ୍‌ଧାରୀଙ୍କୁ ମିଳିନି ବାଲି ଉଠାଇବା ଅନୁମତି**

ଲୋଇସିଂହା ତହସିଲ ଅଧୀନ କୁଶମେଲ ସୁକତେଲ ନଦୀ ବାଲିଘାଟରୁ ବାଲି ମାଫିଆ ବେଧଡକଭାବେ ଚାଲାଣ କରୁଛନ୍ତି। ହେଲେ ଲିଜ୍ ପାଇଥିବା କୁଶମେଲ ଗ୍ରାମ ଜଗନ୍ନାଥ ମନ୍ଦିର କମିଟି ସଦସ୍ୟଙ୍କୁ ବାଲି ଉଠାଇବା ପାଇଁ ଅନୁମତି ମିଳୁନାହିଁ। ଏତାକୁ ନେଇ ବୁଧବାର କୁଶମେଲ ଗ୍ରାମବାସୀ ଲୋଇସିଂହା ତହସିଲ ଅଫିସ ଆସି ଅତିରିକ୍ତ ତହସିଲଦାର ଅଶୋକ କୁମାର ମିଶ୍ରଙ୍କୁ ଫେରାଦ ହୋଇଛନ୍ତି। ଅବିଳମ୍ବେ ପଦକ୍ଷେପ ନନେଲେ ତହସିଲ ଆଗରେ ଧାରଣା ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି। ଉପଜିଲାପାଳଙ୍କଠାରୁ ନିର୍ଦ୍ଦେଶ ମିଳିଛି, ଦୁଇଦିନ ମଧ୍ୟରେ ଲିଜଧାରୀଙ୍କୁ ଅନୁମତି ପତ୍ର ଦିଆଯିବ ବୋଲି ଅତିରିକ୍ତ ତହସିଲଦାର କହିବା ପରେ ଗ୍ରାମବାସୀ ଫେରିଥିଲେ। ଲୋଇସିଂହା ତହସିଲ ପକ୍ଷରୁ ଗତ ମାର୍ଚ୍ଚ ୩୦ତାରିଖରେ ଘାଟ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅନ୍ୟ କେତେଜଣଙ୍କ ସହ କୁଶମେଲ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସତ୍ୟକାମ ସିଂ ଓ ଟଙ୍କଧର ପଧାନ ଟେଣ୍ଡର ପକାଇଥିଲେ। ତେବେ ଏପ୍ରିଲ ୩୦ରେ ତହସିଲ ପରିସରରେ ଏହାର ଯାଞ୍ଚ କରିବା ପରେ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଟେଣ୍ଡର ପକାଇଥିବା କେବଳ ସତ୍ୟକାମ ସିଂଙ୍କ କାଗଜାତ୍ ଠିକ୍ ଦର୍ଶାଯାଇଥିଲା। ହେଲେ ଲିଜ୍ ପାଇ ସୁଦ୍ଧା ଏଯାଏ ତହସିଲ କର୍ତ୍ତୃପକ୍ଷ ତାଙ୍କୁ ଅନୁମତି ପତ୍ର ପ୍ରଦାନ କରି ନାହାନ୍ତି। ଏଥିରୁ ବାଲି ମାଫିଆ ଓ ତହସିଲର କେତେକ କର୍ମଚାରୀଙ୍କ ସଲାସୁତରା ସ୍ପଷ୍ଟ ହେଉଥିବା କମିଟି ସଭାପତି ଶାନ୍ତନୁ କୁମାର ସିଂହ, ସମ୍ପାଦକ ଟଙ୍କଧର ପଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

# ଚାଷୀମାରଣ ନୀତି ପ୍ରତିବାଦରେ ରାସ୍ତାରୋକୋ

ବିନିକା,୩୦।୬(ଡି.ଏନ୍.ଏ.)

ଧାନ ବିକ୍ରି କ୍ଷେତ୍ରରେ ସରକାରଙ୍କ ଚାଷୀମାରଣ ନୀତି ପ୍ରତିବାଦରେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା । ଦଳୀୟ କର୍ମୀମାନେ ବିନିକା ସହରସ୍ଥିତ ସିଦ୍ଧାର୍ଥ କଲେଜ ଛକ ଠାରେ ସୋନପୁର-ବିନିକା ମୁଖ୍ୟରାସ୍ତା ଓ ବିନିକା ମହାନଦୀ-ଉଲୁଣ୍ଡା ମୁଖ୍ୟ ରାସ୍ତାରେ ବାଇକ୍ ରଖି ଅବରୋଧ କରିଥିଲେ । ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା ।

ବିନିକା ଅଞ୍ଚଳର ବହୁ ଚାଷୀ ରବିରୁତୁରେ ଅମଳ କରିଥିବା ଧାନ ବିକ୍ରି କରି ପାରିନାହାନ୍ତି। ବିଭିନ୍ନ କାରଣରୁ ଚାଷୀଙ୍କ ଟୋକନ ଲାପ୍ସ ହେଉଛି। ଏହାର ସମସ୍ୟାକୁ ନେଇ ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ



ରାସ୍ତାରୋକୋ ସମୟରେ କଂଗ୍ରେସ ନେତା ଓ କର୍ମୀମାନେ ନାରାବାଜି କରୁଛନ୍ତି।

ରାସ୍ତାରୋକୋ କରାଯାଇଥିଲା। କଂଗ୍ରେସ ନେତା ନରେନ୍ଦ୍ର ପଣ୍ଡା, ନରେନ୍ଦ୍ର ସାହୁ, ହରିହର ଛନ୍ଦ, ହଜାରୁ ସାହୁ, ମହେନ୍ଦ୍ର ଥନାପତି, ବିଜୟ ଭୋଇ, ଗୋବିନ୍ଦା ଝାଙ୍କର, ରୁଦ୍ର ନାରାୟଣ ସାହୁ ,ଡୁଙ୍ଗୁରିପାଲି ବ୍ଲକ କଂଗ୍ରେସ ଉପସଭାପତି ବାଲକୃଷ୍ଣ ଦଣ୍ଡସେନା, ତରଭା ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗ, ମିତ୍ରଭାନୁ ଭୁଏ ଓ ରାଜେନ୍ଦ୍ର ସାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଆନ୍ଦୋଳନରେ ସାମିଲ ହୋଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ଦୀର୍ଘ ୧୧ ଘଣ୍ଟା ଧରି କଂଗ୍ରେସ ନେତା ଏବଂ କର୍ମୀମାନେ ରାସ୍ତାରୋକୋ ଆନ୍ଦୋଳନ ଚଲାଇଥିଲେ ହେଁ କୌଣସି ପ୍ରଶାସନିକ ଅଧିକାରୀ ଆନ୍ଦୋଳନ ସ୍ଥଳକୁ ଆସି ନ ଥିଲେ । ଫଳରେ ଚାଷୀ ସମସ୍ୟା ସମାଧାନର ଖିଅ ବାହାରି ପାରିନାହିଁ। ଗୁରୁବାର ପୁଣି ଚାଷୀଙ୍କ ଦାବି ନେଇ ବିନିକା ତହସିଲ ଅଫିସ ଆଗରେ ଅନ୍ଦୋଳନ ଓ ଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ସମାଧାନ ଦାବି ନେଇ ଆଜିକୁ ୮ଦିନ ହେଲା ବିନିକା କଂଗ୍ରେସ କମିଟି ପକ୍ଷରୁ ଆନ୍ଦୋଳନ ଚାଲିଛି ।

**୧୧ ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ**

**ଦ୍ୱିତୀୟ ରାଷ୍ଟ୍ରୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ**

**ନୂଆପଡ଼ା ଅଫିସ:** ନୂଆପଡା ଜିଲା କୋମନାଠାରେ ବୁଧବାର ଟିପି ଡବ୍ଲୁଓଡିଏଲ ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସୁରକ୍ଷା ସପ୍ତାହ ପାଳନ ଅବସରରେ କଳାହାଣ୍ଡି ସର୍କଲର ବିଦ୍ୟୁତ୍ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ବିଶ୍ୱାଳ, କୋମନା ଜେଇ ସିଦ୍ଧାର୍ଥ ମହାକୁଡଙ୍କ ସମେତ ୯ଟି ସେକସନର ବିଦ୍ୟୁତ୍ କର୍ମଚାରୀ ଓ ସ୍ଥାନୀୟ ଲୋକେ ଯୋଗଦାନ କରିଥିଲେ। ସୁରକ୍ଷା ସପ୍ତାହରେ ଅନେକ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଦ୍ୟୁତ୍ ଖୁଣ୍ଟରେ ଅନ୍ୟ ତାର ନ ବାନ୍ଧିବା, ଲୁଗା କନା ଶୁଖାଇବା ବ୍ୟାବହାର ନ କରିବା, ବିଦ୍ୟୁତ୍ ଖୁଣ୍ଟ ଲାଗିଥିବା ଗଛକୁ ନ କାଟିବା ଆଦି ସଚେତନା କାର୍ଯ୍ୟ କରିଛନ୍ତି।

**ସଂକ୍ଷେପରେ**

## ବାଇକ୍ ଧକ୍କାରେ ଗାଈ ମୃତ, ଯୁବକ ଗୁରୁତର

**କୋକସରା,୩୦।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଛକ ନିକଟରେ ବୁଧବାର ଏକ ବାଇକ୍ ଧକ୍କାରେ ଏକ ଗାଈର ମୃତ୍ୟୁ ହୋଇଥିବା ବେଳେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ କୋକସରା ପେଟ୍ରୋଲ ପମ୍ପରୁ କ୍ଷୀରସିନ୍ଧୁ ମାଝି (୨୨) ବାଇକ୍ (ନଂ.ଓଡି ୦ ଜି-୧୮୭୭) କୋକସରା ଟାଉନ ପଟେ ଆସୁଥିବା ସମୟରେ ବ୍ଲକ ଛକ ନିକଟରେ ଏକ ଗାଈକୁ ଧକ୍କା ଦେଇଥିଲେ। ଫଳରେ ଗାଈର ମୁହଁରେ ପ୍ରବଳ ମାଡ଼ ହୋଇ ଅତ୍ୟଧିକ ରକ୍ତସ୍ରାବ ହୋଇ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଯୁବକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଯୁବକ ଉଦ୍ଧାର କରି କୋକସରା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ନ ଥିବା ଜଣାପଡ଼ିଛି ।

## ଜୁନାଗଡ଼ରେ ପ୍ରାଥମିକ ଶିକ୍ଷକ ସଂଘର ସଭା

**ଜୁନାଗଡ,୩୦।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହର ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ବୁଧବାର ସ୍ଥାନୀୟ ପ୍ରାଥମିକ ଶିକ୍ଷକ ସଂଘ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସରୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସେନାପତି, ସଂଘ ଜିଲା ସମ୍ପାଦକ ଧିରେନ ପଟ୍ଟନାୟକ, ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଜନାର୍ଦ୍ଦନ ମାଝି, ଫାଲଗୁନି ନାଏକ, ନାରାୟଣ ମେହେର, ବୈଦନାଥ ପାଢି ଓ ରବିନ୍ଦ୍ର ନାଥ ମେହେର ପ୍ରମୁଖ ୫ଜଣ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମନ୍ତ୍ରୀଙ୍କୁ ଶିକ୍ଷକ ସଂଘ ପକ୍ଷରୁ ୨ଟି ଓକ୍ସିଜେନ ସିଲିଣ୍ଡର ପ୍ରଦାନ କରାଯାଇଥିଲା। ପୂର୍ବତନ ବିଆରସିସି ବିରେନ୍ଦ୍ର ବାଗ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କୋକସରା,୩୦।୬(ଡି.ଏନ.ଏ.):** କୋକସରା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ କାଶିବାହାଲ ଚିତ୍ରରେଖା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସୁମନ୍ତ କୁମାର ମୁଣ୍ଡ ଅବସର ଗ୍ରହଣ କରିଥିବା ବେଳେ ବୁଧବାର କାଶିବାହାଲ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝି, ମୁଖ୍ୟବକ୍ତା ଏବିଇଓ ବିଜୟ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ କୋକସରା ପ୍ରାଥମିକ ଶିକ୍ଷକ ସଂଘ ଭୁରିଶ୍ରବା ଜାଲ, ନୋଡାଲ ସିଆରସିସି କୋକସରା ବୈକୁଣ୍ଠ ଜାଲ, ସନ୍ତୋଷ କୁମାର ମୁଣ୍ଡ, କସ୍ତୁରି ଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେବା ସହ ତାଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଥିଲେ। ଶିକ୍ଷକ ରତ୍ନାକର ବେମାଲ ଓ କାଶିବାହାଲ ସିଆରସିସି ପ୍ରଶାନ୍ତ କୁମାର ଶବର ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଭୁବନେଶ୍ୱର ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ। କାଶିବାହାଲ କ୍ଲଷ୍ଟରର ଶିକ୍ଷକମାନେ ବିଦାୟକାଳୀନ ଅବସରରେ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ, ରୋଗୀଙ୍କୁ ଫଳ ବଣ୍ଟନ କଲେ ବିଧାୟକ

**କୋକସରା,୩୦।୬ (ଡି.ଏନ.ଏ.):** ଧର୍ମଗଡ ବିଧାୟକ ମୌଷଧି ବାଗ ବୁଧବାର କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ହସ୍ପିଟାଲ ଦାୟିତ୍ୱରେ ଥିବା ଇନଚାର୍ଜ ଡା. ତତ୍ୱଦର୍ଶୀ ଦାସଙ୍କ ସହ ହସ୍ପିଟାଲର ସମସ୍ୟା ଓ କୋଭିଡ୍ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବିଧାୟକ ପାଣ୍ଠିରୁ ହେବାକୁ ଥିବା ଶବ ବ୍ୟବଚ୍ଛେଦ ଗୃହ ପାଇଁ ସ୍ଥାନ ନିରୂପଣ କରିବା ସହ ଫିଲ୍ଡକୁ ଯାଇ ସ୍ଥାନ ଦେଖିଥିଲେ। ତାଙ୍କ ସହ ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, ସମ୍ପାଦକ ପଙ୍କଜ ପୋଡ଼, ପ୍ରମୋଦ ପ୍ରଧାନୀ, ଅଜିତ ପଟ୍ଟନାୟକ, ଜିତେନ୍ଦ୍ର ପ୍ରଧାନୀ, ମହେଶ ଗୁପ୍ତା, ନିଳାମ୍ବର ବାରିକ ପ୍ରମୁଖ ବିଜେଡି କର୍ମି ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଧାୟକ ରୋଗୀମାନଙ୍କୁ ଫଳ, ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ପରେ ସେ କୋକସରା ଉଦ୍ୟାନ କୃଷି କାର୍ଯ୍ୟାଳୟ ମଧ ପରିଦର୍ଶନ କରିଥିବା ଜଣାପଡିଛି।

# କେନ୍ଦୁପତ୍ର ତୋଳାଳିଙ୍କ ପ୍ରାପ୍ୟ ପ୍ରଦାନ ଦାବିରେ ଗଣଧାରଣା

**ଖଡିଆଳ, ୩୦।୬ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ପକ୍ଷରୁ ତୋଳାଳିଙ୍କ ପ୍ରାପ୍ୟ ପ୍ରଦାନ ଦାବିରେ ବୁଧବାର ଗଣଧାରଣା ଦିଆଯାଇଛି। ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କେନ୍ଦୁପତ୍ର ତୋଳାଳି ଶ୍ରମିକ ଓ ସିଜିନାଲ କର୍ମଚାରୀ ସାମିଲ ହୋଇ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ପୂର୍ବରୁ ଜୁନ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଡିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ପରେ ଖଡିଆଳ ଗସ୍ତରେ ଆସିଥିବା କେନ୍ଦୁପତ୍ର ସିସିଏଫଙ୍କୁ ଭେଟି ଦେବା ସହ ବିସ୍ତୃତ ଆଲୋଚନା କରିଥିଲେ। ଦାବିପତ୍ର ପ୍ରଦାନ ସହିତ ଆଲୋଚନା ସତ୍ତ୍ୱ ଶ୍ରମିକଙ୍କ କୌଣସି ସମସ୍ୟାର ସମାଧାନ ହୋଇ ପାରି ନ ଥିବା ଯୋଗୁ ଜୁନ ୩୦ ତାରିଖରେ ଗଣଧାରଣା ଦିଆଯିବ ବୋଲି ପୂର୍ବରୁ ନୋଟିସ ପ୍ରଦାନ କରାଯାଇଥିଲା। ବୁଧବାର କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପରେ ଆନ୍ଦୋଳନ ସ୍ଥଳକୁ ଡିଏଫଓ ପ୍ରତାପ ବେହେରା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଜୁଲାଇ ୧୦ ତାରିଖ ସୁଦ୍ଧା ଜିଲାର ସମସ୍ତ ତୋଳାଳିଙ୍କ ପ୍ରାପ୍ୟ ଦିଆଯିବ ଓ ଏ ସପ୍ତାହରୁ ସିଜିନାଲ କର୍ମଚାରୀଙ୍କ ଇପିଏଫ କାମ ଚାଲୁ କରାଯିବ। ଯାହା ଦୁର୍ନୀତି ଅଭିଯୋଗ ଆସିଛି ତାହାର ତଦନ୍ତ କରାଯିବ। ସିଜିନାଲ କର୍ମଚାରୀଙ୍କ ଫେଣ୍ଡିଙ୍ଗ ଥିବା ଗ୍ରେଚ୍ୟୁଟି ତଥା ଅନ୍ୟାନ୍ୟ ପ୍ରାପ୍ୟ ତାର ଅନୁୟତ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ରରେ ଯାହା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନେବା ଅଛି ତାକୁ ରାଜ୍ୟ ସରକାରଙ୍କୁ ଦେବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡିଏଫଓଙ୍କ ନିର୍ଭୟ ଲିଖିତ ପ୍ରତିଶ୍ରୁତି ପରେ ସଂଘ ଗଣଧାରଣା ପ୍ରତ୍ୟାହାର କରିଥିଲେ। ଆଗାମୀ ଦିନରେ ପ୍ରତିଶ୍ରୁତିପୂରଣ ନ ହେଲେ ସାରା ଡିଭିଜନରେ କାର୍ଯ୍ୟବନ୍ଦ ଆନ୍ଦୋଳନର ଡାକରା ଦିଆଯିବ ବୋଲି ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି।



ଖଡିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଗଣଧାରଣା ଦିଆଯାଇଛି।

# ଅସ୍ତିତ୍ୱ ହରାଇବାକୁ ବସିଛି ରଜାକଟା

ଲାଠୋରର ପୁରାତନ ଜଳାଶୟ ରଜାକଟା।

**ଲାଠୋର, ୩୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ରହିଛି ୧୯ଏକର ପରିମିତ ରଜାକଟା(ପୋଖରୀ)। ୧୯୧୬ ମସିହା ଫେବୃୟାରୀ ୧ ତାରିଖ ଦିନ ପାଟଣା ମହାରାଜା ପୃଥୀରାଜ ସିଂଦେଓ ଲୋକଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ଏଠାରେ ଏହି ବୃହତ ଜଳାଶୟ ଖୋଳାର ଶୁଭାରମ୍ଭ କରିଥିଲେ। ଏହି ପୋଖରୀରେ ଲୋକେ ସ୍ନାନଶୌଚ କରୁଥିଲେ। ଏହାର ପାଣି ଉପଯୋଗ କରି ଚାଷ କରୁଥିଲେ। ପାଣି ଏତେ ସ୍ୱଚ୍ଛ ଏବଂ ନିର୍ମଳ ଥିଲା ଯେ, ଲାଠୋର ଏବଂ ଏହାର ଆଖପାଖ ଗ୍ରାମର ଲୋକେ ପାନୀୟ ଜଳଭାବେ ବ୍ୟବହାର କରୁଥିଲେ। ୧୯୭୩ମସିହା ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିଲା। ହେଲେ ଏହା ପରଠାରୁ ସବୁକିଛି ବଦଳି ଯାଇଛି। କ୍ରମାଗତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଏହି ଜଳାଶୟ ତାହାର ଅସ୍ତିତ୍ୱ ହରାଇବାକୁ ବସିଛି। ପାଣି ଅପରିଷ୍କାର ହୋଇ ଏବେ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଅନ୍ୟନୋପାୟ ହୋଇ କେହି ଏଠାରେ ସ୍ନାନଶୌଚ କଲେ ତେବେ ନାନାଦି ପ୍ରକାର ଚର୍ମରୋଗର ହେଉଛି। ୨୦୦୧ମସିହାରେ ପଙ୍କୋଦ୍ଧାର ପରଠାରୁ ଏଠାରେ କୌଣସି ଆଖିଦୃଶିଆ କାମ ହୋଇନାହିଁ। ୧୦୫ ବର୍ଷର ଏହି ପୁରୁଣା ଜଳାଶୟର ଅସ୍ତିତ୍ୱ ଏବେ ସଙ୍କଟରେ ପଡିଥିବାରୁ ଏହାର ପୁନରୁଦ୍ଧାର ଜରୁରୀ ହୋଇପଡିଛି। ଏନେଇ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କୁ ପଚାରିବାରୁ ପୋଖରୀର ପୁନରୁଦ୍ଧାର ପାଇଁ ଅନୁଦାନ ମଞ୍ଜୁର କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିଶ କରାଯାଇଛି ବୋଲି କହିଛନ୍ତି।

# ବେଆଇନ ଧାନ ବୋଝେଇ ଟ୍ରକ୍ ଅଟକ ରଖିଲେ ଚାଷୀ

ଦାସିଗ ମଣ୍ଡି ରାସ୍ତାରେ ଚାଷୀଙ୍କ ଉତ୍ତେଜନା।

**ଜୁନାଗଡ଼, ୩୦।୬ (ଡି.ଏନ.ଏ.)**

**ମଣ୍ଡିରେ ପଡିରହିଛି ୧୦ ହଜାର କୁଇଣ୍ଟାଲ ଧାନ**

କଳାହାଣ୍ଡି ଜିଲାରେ ବୁଧବାରଠାରୁ ଜିଲା ଯୋଗାଣ ବିଭାଗ ରବି ଧାନ କ୍ରୟ ବନ୍ଦ କରିଛି। ଇତିମଧ୍ୟରେ ଜିଲାରେ ମୋଟ ୨୩ ଲକ୍ଷ ୧୦ ହଜାର କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଏହା ସତ୍ତ୍ୱେ ବି ଜିଲାର କେତେକ ମଣ୍ଡିରେ ଚାଷୀଙ୍କ ଶହ ଶହ କୁଇଣ୍ଟାଲ ଧାନ ପଡିରହିଛି। ଜୁନାଗଡ଼ ବ୍ଲକ ଦାସିଗାଁ ମଣ୍ଡିରେ ଅଦ୍ୟାବଧି ୧୦ ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଏପରିସ୍ଥଳେ ବୁଧବାର ଏକ ବେଆଇନ ଧାନ ଚାଲାଣ ଟ୍ରକ୍‌କୁ ସ୍ଥାନୀୟ ଚାଷୀ ଅଟକ ରଖିଛନ୍ତି। ପ୍ରକାଶ ଯେ, ଦାସିଗାଁ ଅଞ୍ଚଳର ଜଣେ ବ୍ୟବସାୟୀ ମଣ୍ଡି ଅବ୍ୟବସ୍ଥା ଯୋଗୁ ଦୀର୍ଘ ଦିନ ହେବ ଅଣ୍ଡର ରେଟରେ ଚାଷୀଙ୍କଠାରୁ ଧାନ କ୍ରୟ କରି ସ୍ଥାନୀୟ ମିଲକୁ ଧାନ ଯୋଗାଣ କରୁଛନ୍ତି। ବୁଧବାର ଚାଷୀଙ୍କ ଧାନ କ୍ରୟ କରି ମିଲକୁ ଚାଲାଣ କରୁଥିବା ଜାଣି ସ୍ଥାନୀୟ ଚାଷୀ ନେତା ଗୋବିନ୍ଦ ନାଗଙ୍କ ନେତୃତ୍ୱରେ ଚାଷୀମାନେ ଧାନ ବୋଝେଇ ଟ୍ରକ ଅଟକ ରଖି ପ୍ରଶାସନକୁ ଖବର ଦେଇଥିଲେ। ଜୁନାଗଡ଼ ତହସିଲଦାର ବେଦବ୍ୟାସ ଭୋଇ, ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ଘଟଣାସ୍ଥଳକୁ ଆସି ଧାନ ବୋଝେଇ ଗାଡିକୁ ଜବତ କରି ଥାନାକୁ ନେଇଥିଲେ। ଅଣ୍ଡର ରେଟରେ କ୍ରୟ କରୁଥିବା ବ୍ୟବସାୟୀଙ୍କୁ ଗିରଫ କରିବାକୁ ଚାଷୀ ଦାବି କରିଥିଲେ। ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଚାଷୀ ଶାନ୍ତ ପଡ଼ିଥିଲେ।

## ଅସହାୟ ବୃଦ୍ଧାଙ୍କୁ ସାହାଯ୍ୟ କଲେ ସାମାଜିକ କର୍ମୀ

**ଖଡିଆଳ, ୩୦।୬ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ୱାର୍ଡ ନଂ. ୧୧ ନାକାପଡାର ଜଣେ ଅସହାୟ ବୃଦ୍ଧା ମହିଳାଙ୍କୁ ସାହାଯ୍ୟର ହାତ ବଢ଼ାଇଲେ ପଡାରେ ଥିବା କିଛି ସାମାଜିକ କର୍ମୀ ଯୁବକ। ବୃଦ୍ଧା ମହିଳା ଜଣକ ହେଲେ ନୂଆଦେଇ ବଗର୍ତ୍ତି (୭୫)। ସେ ଖଡିଆଳ ନାକାପଡାରେ ଆଜକୁ ୫୦ ବର୍ଷ ହେଲା ଏକ ଛୋଟ କୁଡିଆ ଘର କରି ସ୍ୱାମୀ ଭୀମ ବଗର୍ତ୍ତିଙ୍କ ସହ ଦୁଃଖକଷ୍ଟରେ ଲୋକଙ୍କ ଘରେ ପାଉଟି କରି ପେଟ ପୋଷଣ କରି ଆସୁଥିଲେ । ଗତ ମାସରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ବର୍ତ୍ତମାନ ସେ ଏକୁଟିଆ ହୋଇଯାଇଛନ୍ତି। ସ୍ୱାମୀଙ୍କ ମୃତ୍ୟୁରେ ମଧ ଏହି ସାମାଜିକ କର୍ମୀମାନେ ତାଙ୍କ ଦାହ ସଂସ୍କାର ସହ ତାଙ୍କ ଦଶାହ କାର୍ଯ୍ୟ ମଧ କରିଥିଲେ। ନୂଆଡେଇଙ୍କୁ ସରକାରଙ୍କ ପକ୍ଷରୁ ବାର୍ଦ୍ଧକ୍ୟ ଭତ୍ତା ସାଙ୍ଗକୁ ପିଡିଏସ ଚାଉଳ ପାଉଛନ୍ତି। ହେଲେ ଏପର୍ଯ୍ୟନ୍ତ ତାଙ୍କ ସରକାରଙ୍କ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ମିଳି ନାହିଁ। ସେ ଜଣେ ଭୂମିହୀନ ହୋଇଥିବା ବେଳେ ଆଜକୁ ୫୦ ବର୍ଷ ହେଲା ଖଡିଆଳ ସହରରେ ରହି ଜୀବନ ଅତିବାହିତ କରୁଛନ୍ତି। ତାଙ୍କର କୌଣସି ପୁଅ କିମ୍ବା ଝିଅ ନ ଥିବାରୁ ସେ ବର୍ତ୍ତମାନ ଏକୁଟିଆ ଜୀବନ କାଟୁଛନ୍ତି। ଏନେଇ ତାଙ୍କ ପଡାରେ ଥିବା ସାମାଜିକ କର୍ମୀ ଜୟସିଂହ କେତକି, ନାରାୟଣ ଶବର, ରାଜେଶ ବାଗ, ଗୁଣମଣି ଶବର, ପିଲାବାବୁ ପୋଡ଼, ରାଧେ ବାଗ, ଝାରୁ ଲୋହାର, ଅଶୋକ ବାଗ, କେନା ଶବର, ସୁଆସ୍ତ ନାଗ ପ୍ରମୁଖ ସହଯୋଗର ହାତ ବଢ଼ାଇଛନ୍ତି। ତାଙ୍କ ଭାଙ୍ଗି ଯାଇଥିବା ଘରକୁ ସଜାଡି ତାଙ୍କ ପାଖରେ ଥିବା ଲୋକଙ୍କ ସାହାଯ୍ୟରେ ଏକ ନୂତନ ଘର କରିବାକୁ ଉଦ୍ୟମ କରୁଛନ୍ତି । ସାମାଜିକ କର୍ମୀଙ୍କ ଉକ୍ତ କାର୍ଯ୍ୟକୁ ଖଡିଆଳବାସୀ ପ୍ରଶଂସା କରିଛନ୍ତି।

ସାମାଜିକ କର୍ମୀଙ୍କ ଗହଣରେ ଅସହାୟ ବୃଦ୍ଧା।

## ମଳ ଉପଚାର ସୁବିଧା କେନ୍ଦ୍ର ଉଦ୍‌ଘାଟିତ

**ନୂଆପଡ଼ା ଅଫିସ,୩୦।୬**

ନୂଆପଡା ଜିଲା ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ମାହାତମ ତୋରାଠାରେ ବୁଧବାର ୧୦ ହାଜର ଲିଟର କ୍ଷମତା ବିଶିଷ୍ଟ ଏକ ମଳ ଉପଚାର ସୁବିଧା କେନ୍ଦ୍ର ଜିଲାପାଳ ସ୍ୱାଧାଦେବ ସିଂ ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା ସଗୃହୀତ ମଳ ଅତ୍ୟାଧୁନିକ ପ୍ରଣାଳିର ପ୍ରୟୋଗରେ ତାର ଉପଚାର କରାଯିବ। ଉପଜିଲାପାଳ ତରଣୀସେନ ନାଏକ, ଖରିଆର ରୋଡ ଏନଏସି ନିର୍ବାହୀ ଅଧିକାରୀ କର୍ଣ୍ଣ ସୁନା, ସହକାରୀ ଯନ୍ତ୍ରୀ ସୁବାଷ ମିଶ୍ର, ଏନଏସି କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ପିସିଭି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ

ମନ୍ତ୍ରୀ ଦିବ୍ୟଶଙ୍କର ପିସିଭି ଟିକା କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

**ଜୁନାଗଡ, ୩୦।୬ (ଡି.ଏନ.ଏ.)**

**ଉପକୃତ ହେବେ ଜିଲାର ୧ ଲକ୍ଷ ୭୦ ହଜାର ଶିଶୁ**

କଳାହାଣ୍ଡି ଜିଲା ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଜିଲାସ୍ତରୀୟ ନିମୋକୋକାଲ କଞ୍ଜୁଗେଟ ଟିକା (ପିସିଭି) ଟିକାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଟିକା ଶିଶୁଙ୍କୁ ନିମୋକୋକାଲ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରୁ ସୁରକ୍ଷା ଦେବ। ଦେଢ଼ରୁ ୯ ମାସର ଶିଶୁଙ୍କୁ ପର୍ଯ୍ୟାୟକ୍ରମେ ତୋନୋଟି ଡୋଜ ଦିଆଯିବ। ଏହାଦ୍ୱାରା ଜିଲାର ୧ ଲକ୍ଷ ୭୦ ହଜାର ଶିଶୁ ଉପକୃତ ହେବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରତାପ କୁମାର ବେହେରା,ଏଡିଏମଓ ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ,ଏଡିପିଏଚ୍‌ଓ ଡାକ୍ତର ନରେନ୍ଦ୍ର କୁମାର ପଣ୍ଡା, ଡିପିଏମ୍ ଅବନି ରଞ୍ଜନ ମହାପାତ୍ର, ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଧିକାରୀ ଡାକ୍ତର ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସବୁଜ ପତାକା ଦେଖାଇ ମନ୍ତ୍ରୀ ପିସିଭି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନ ରଥ ପ୍ରତ୍ୟେକ ଅଞ୍ଚଳକୁ ବୁଲି ପିସିଭି ଟିକା ବିଷୟରେ ଲୋକଙ୍କୁ ସଚେତନ କରାଇବ। କାର୍ଯ୍ୟକ୍ରମକୁ ଜୁନାଗଡ ବିପିଏମ୍ ରାଜଶେଖର ରେଡ୍ଡୀ ଓ ପିଏଚ୍‌ଓ ଭାରତୀ ବ୍ରହ୍ମା ପରିଚାଳନା କରିଥିଲେ।

# ଜିଲା ସମନ୍ୱୟ, ପରିଚାଳନା କମିଟି ବୈଠକ

ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଅନୁଷ୍ଠିତ ବୈଠକ।

**ନୂଆପଡ଼ା ଅଫିସ,୩୦।୬**

ନୂଆପଡା ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ବୁଧବାର ଜିଲା ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ଓ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ପ୍ରମୁଖ ମଞ୍ଚସୀନ ଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ଡିଜିଟାଲ ଜମି ରେକର୍ଡ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶିକ୍ଷା, ମଧ୍ୟାହ୍ନ ଭୋଜନ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନ ମନ୍ତ୍ରୀ କିଷାନ ଯୋଜନା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ପ୍ରକଳ୍ପ, ବିଦ୍ୟୁତ୍ ଯୋଜନା, ପ୍ରଧାନ ମନ୍ତ୍ରୀ ଗ୍ରମ୍ୟ ସଡକ ଯୋଜନା, ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନା, ଜିଲା ସାମାଜିକ କଲ୍ୟାଣ ଯୋଜନା, କୃଷି ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା, ଜାତୀୟ ରାଜପଥ, ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରମ୍ୟ ଯୋଜନା, ଓଡିଶା ଜୀବିକା ମିଶନ, ଜାତୀୟ ଉଦ୍ୟାନ ମିଶନ ଇତ୍ୟାଦି ବିଭିନ୍ନ ଯୋଜନା ଉପର ଆଲୋଚନା ହୋଇ ଫଳତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଯୋଜନା କିପରି ଜିଲା ଅଗ୍ରଗତି ହେବ ସେ ନେଇ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ ଓ ବିଭାଗୀୟ ଅଧିକାରୀମାନେ ଭର୍ଚୁଆଲ ବୈଠକରେ ଯୋଗଦାନ କରିଥିଲେ।

# ଶିଶୁଙ୍କ ସୁରକ୍ଷା ପାଇଁ ପିସିଭି ଟିକା ଆରମ୍ଭ

**ଖଡିଆଳ,୩୦।୬(ଡି.ଏନ.ଏ.)**

ନୂଆପଡା ଜିଲାର ୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକା ସାଙ୍ଗରେ ଆରମ୍ଭ ହୋଇଛି ନିମୋକୋକାଲ କଞ୍ଜୁଗେଟ ଟିକା (ପିସିଭି) ଟିକା। ଏହି ଟିକା ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ। ଦେଢ଼ ମାସର ଶିଶୁଙ୍କୁ ପ୍ରଥମ ଡୋଜ ଦିଆଯାଉଥିବା ବେଳେ ୩ ମାସରେ ଦ୍ୱିତୀୟ ଡୋଜ ଏବଂ ୯ ମାସରେ ତୃତୀୟ ଡୋଜ ଦିଆଯିବ। ବୁଧବାର ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟିକା ଶିଶୁମାନଙ୍କୁ ଦିଆଯାଇଛି। ଟିକା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଖଡିଆଳଠାରେ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀନବନ୍ଧୁ ମହାନନ୍ଦ, ସିଡିପିଓ ମନ କୁମାରୀ ଲମ୍ଭୋ, ବିପିଏମ ତାପସ କୁମାର ବହିଦାର, ଜ୍ୟୋତି ସେନାପତି, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଯୋଗଦେଇଥିଲେ। ଟିକାକୁ ଶତପ୍ରତିଶତ କରିବା ପାଇଁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। କୋଭିଡ୍ ମହାମାରୀ ସଂକ୍ରମଣରେ ଏହି ଟିକା ଶିଶୁଙ୍କୁ ସୁରକ୍ଷାରେ ସହାୟକ ହେବ ବୋଲି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଦୀନବନ୍ଧୁ ପ୍ରକାଶ କରିଛନ୍ତି।

ବୁଧବାର ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପିସିଭି ଟିକା ଦିଆଯାଉଛି।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

**ନୂଆପଡ଼ା ଅଫିସ,୩୦।୬**

**ଏମ୍‌ଜିଏନ୍‌ଆରଇଜିଏସ୍**
- ପ୍ରତିବାଦରେ ଦାବିପତ୍ର ପ୍ରଦାନ

ନୂଆପଡା ଜିଲା ଖଡିଆଳ ଓ ବୋଡେନ ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକ ବଦଳରେ ମେଶିନ ଲଗାଇ କାର୍ଯ୍ୟ କରୁଥିବା ଓ ପୁରୁଣା ମୋ ପୋଖରୀ ଦେଖାଇ ମିଥ୍ୟା ବିଲ କରୁଥିବା ଅଭିଯୋଗ ହେଉଛି। ଏ ନେଇ ବୁଧବାର ଦଳିତ ଅଧିକାର ମଞ୍ଚ ପକ୍ଷରୁ ନୂଆପଡା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଗିରିଜା ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ମହାମାରି ସମୟରେ ଲକଡାଉନ, ଶଟଡାଉନ ଯୋଗୁ ଲୋକେ ଜୀବିକା ହରାଇ ଘରେ ବସିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଲୋକଙ୍କୁ କାମ ଯୋଗାଇବା ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମୋ ପୋଖରୀ ଯୋଜନା ହିତାଧିକାରୀଙ୍କୁ ଦେଇ ସେଠାରେ ଶ୍ରମିକ ନିୟୋଜିତ ହୋଇ କାମ କରିବା ନିୟମ ରହିଛି। କିନ୍ତୁ ସେଠାରେ ସମ୍ପୃକ୍ତ ଅଧିକାରୀମାନେ ମେଶିନ ଲଗାଇ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। କେତେକ ଲୋକ ନୂତନ ମୋ ପୋଖରୀ ଖନନ ନ କରି ପୁରୁଣା ମୋ ପୋଖରୀ ଦେଖାଇ ବିଲ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଖଡିଆଳ ଓ ବୋଡେନ ବ୍ଲକର ଧୋବେଇ, ବାମନୀଖୋଲା, ଝରଣାମାଲ, ମାକରବିର୍ଲି, ସୁନାପୁର, ବାଗବାହାଲ, କେଶରାଜପୁର, ଖଇରା, ଦାବରି, ଅମେରା, ମୁଣ୍ଡାଗାଁ, ଡମଝର, ରୁଣିବସା, କର୍ଲାକୋଟ, କେରାପଦର ଇତ୍ୟାଦି ଗାଁରେ ଉକ୍ତ ଯୋଜନାରେ ମୋ ପୋଖରୀ ଖନନ କାର୍ଯ୍ୟ ଚାଲିଥିବା ବେଳେ ତାହା ମେଶିନ ଦ୍ୱାରା କରାଯାଉଛି। ମେଶିନରେ କାମ ନ କରି ଲୋକଙ୍କୁ ଲଗାଇ କାର୍ଯ୍ୟ କରାଗଲେ ଘରେ ବସି ରହିଥିବା ଶ୍ରମିକମାନେ କିଛି ରୋଜଗାର କରି ପରିବାର ପ୍ରତିପୋଷଣ କରି ପାରନ୍ତେ। ଏହା ଉପରରେ ତଦନ୍ତ କରି ମିଥ୍ୟା ବିଲ କରି କରୁଥିବା ହିତାଧିକାରୀ ଓ ସମ୍ପୃକ୍ତ କର୍ମଚାରୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି, ପଦ୍ମନାଭ ଜଗତ, ଦୁଷ୍ମନ୍ତ ନିଆଲ, ଲିଙ୍ଗରାଜ ଜାଲ, ଭୁଜବଳ ଜଗତ, ବିଶ୍ୱ ବେହେରା, ରାଜେଶ ବେହେରା, କୈଳାସ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

ଦଳିତ ଅଧିକାର ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।